
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୫ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 September 2025

Vol.No. 36 ■ No.235 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ମଜବୁତ ହେଉଛି ଭାରତ-ସିଙ୍ଗାପୁର ସମ୍ପର୍କ

## ପ୍ରଯୁକ୍ତିବିଦ୍ୟା ଓ ବାଣିଜ୍ୟ ସହଯୋଗ ନେଇ ବଡ଼ ଚୁକ୍ତି



ନୂଆଦିଲ୍ଲୀ,୪/୯ : ଭାରତ ଓ ସିଙ୍ଗାପୁର ମଧ୍ୟରେ ସେମିକଣ୍ଡକ୍ଟର ଓ ସପ୍ଲାଇ ଚେନ୍ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱାଙ୍ଗଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି । ନୂଆଦିଲ୍ଲୀରେ ହୋଇଥିବା ଏହି ବୈଠକରେ ଦୁଇ ଦେଶ ସେମିକଣ୍ଡକ୍ଟର, ଡିଜିଟାଲ ଟେକ୍ନୋଲୋଜି ଓ କୌଶଳ ବିକାଶ କ୍ଷେତ୍ରରେ ସହଯୋଗକୁ ଅଧିକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ୱାଙ୍ଗ କହିଛନ୍ତି ଯେ, ଭାରତର ଦ୍ରୁତ ବିକାଶ ଏସିଆରେ ସ୍ଥିରତା ଓ ସମୃଦ୍ଧି ଆଣିବ ଏବଂ ସିଙ୍ଗାପୁର ଭାରତର ସେମିକଣ୍ଡକ୍ଟର ହବ୍ ଗଠନରେ ସହଯୋଗ କରିବ । ଗତ ବର୍ଷ ମୋଦୀଙ୍କ ସିଙ୍ଗାପୁର ଗସ୍ତ ପରେ ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା, ଯାହା ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ମଜଭୁତ କରିବ । ଏହି ସହଯୋଗ ଭାରତକୁ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାରେ ସହାୟକ ହେବ । ସେମିକଣ୍ଡକ୍ଟର ସାମଗ୍ରୀ ପାଇଁ 'ଗ୍ରିନ୍ ଲେନ୍' ସୁବିଧା ସହଯୋଗ ବୃଦ୍ଧି କରିବ । ଗୁଜରାଟରେ ସେମିକଣ୍ଡକ୍ଟର ପାଇଁ କୌଶଳ ତାଲିମ କେନ୍ଦ୍ର ପ୍ରତିଷ୍ଠା ଆଲୋଚନା । ଗବେଷଣା ଓ ନବସୃଜନରେ ଦୁଇ ଦେଶ ମଧ୍ୟରେ ମିଳିତ ସହଯୋଗ । ଭାରତର ସେମିକଣ୍ଡକ୍ଟର ଶିଳ୍ପକୁ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଗଢ଼ିବାରେ ସିଙ୍ଗାପୁରର ସମର୍ଥନ । ସିଙ୍ଗାପୁର ହେଉଛି ଭାରତରେ ସବୁଠାରୁ ବଡ଼ ବିଦେଶୀ ନିବେଶକ । ମୋଟ ଏଫ୍?ଆଇଡିର ପ୍ରାୟ ଏକ-ଚତୁର୍ଥାଂଶ ସିଙ୍ଗାପୁରରୁ ଆସିଥାଏ । ୱାଙ୍ଗ କହିଛନ୍ତି, ଭାରତ ଏପର୍ଯ୍ୟନ୍ତ ସିଙ୍ଗାପୁର ନିର୍ମିତ ୨୦ ରୁ ଅଧିକ ଉପଗ୍ରହ ପ୍ରକ୍ଷେପଣ କରିଛି । ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ, ମହାକାଶ କ୍ଷେତ୍ରରେ ସହଯୋଗ ଆହୁରି ବୃଦ୍ଧି ପାଇବ ।

# ଫେରିବ ମହାପ୍ରଭୁଙ୍କ ଭୂ-ସମ୍ପତ୍ତି: ଜବରଦଖଲକାରୀଙ୍କୁ କବଜାରୁ ମୁକୁଳିବ ଜମି

ପୁରୀ, ୪/୯ (ନି.ପ୍ର): ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ଥିବା ଜଗନ୍ନାଥଙ୍କ ଜମିକୁ ଫେରାଇ ଆଣିବା ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ବୁଧବାର ପରିଚାଳନା କମିଟି ବୈଠକରେ ମହାପ୍ରଭୁଙ୍କ ଜମି ଜମା ପ୍ରସଙ୍ଗରେ ଆଲୋଚନା ହେବା ପରେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି ରାଜ୍ୟ ସରକାର । ଏନେଇ ସୂଚନା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାପ୍ରଭୁଙ୍କ ୫୮ ହଜାର ଏକର ଜମି ରାଜ୍ୟରେ ଏବଂ ରାଜ୍ୟ ବାହାରେ ରହିଛି । ପ୍ରାୟ



୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି । ବାକି ଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି । ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେଉଛନ୍ତି ।

▶▶ପୃଷ୍ଠା ୭

# ଜିଏସଟି ସ୍ଲାବରେ ପରିବର୍ତ୍ତନ: ଓଡ଼ିଶାକୁ ହୋଇପାରେ ରାଜସ୍ୱ କ୍ଷତି

ଭୁବନେଶ୍ୱର, ୪/୯ (ନି.ପ୍ର): ଜିଏସ୍‌ଟିକୁ ୨ଟି ସ୍ଲାବ୍‌କୁ ଆଣିଛନ୍ତି କେନ୍ଦ୍ର ସରକାର । ସାଧାରଣ ଲୋକ ଏହାଦ୍ୱାରା ଲାଭବାନ ହେବେ ସତ କିନ୍ତୁ ଅନେକ ରାଜ୍ୟକୁ ସହିବାକୁ ପଡିବ କ୍ଷତି । ଯେଉଁ ତାଲିକାରେ ଓଡ଼ିଶା ମଧ ରହିଛି । ଜିଏସ୍‌ଟି ସ୍ଲାବ ହ୍ରାସ ପାଇବା ପରେ ରାଜ୍ୟ ଗୁଡିକରେ ଜିଏସ୍‌ଟି ସଂଗ୍ରହ ୨୦ ପ୍ରତିଶତ କମିବ । ଏହାଦ୍ୱାରା ଓଡ଼ିଶା ମାସକୁ ୧୦୦୦ କୋଟି ଟଙ୍କା ହରାଇପାରେ । ହେଲେ ଏହାଦ୍ୱାରା ହେବାକୁ ଥିବା କ୍ଷତିର ଭରଣା କିଏ କରିବ ତାହାକୁ ନେଇ ଚିନ୍ତାରେ ସରକାର ? ଦେଶରେ ଜିଏସଟି ଲାଗୁ ହେବା ପରେ ରାଜ୍ୟ ଗୁଡ଼ିକୁ ୫ ବର୍ଷ ଯାଏଁ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହୋଇଥିଲା । ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶା ପ୍ରାୟ ୧୬,୧୬୫ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ପାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଏହି କ୍ଷତିପୂରଣ ବାବଦରେ

▶▶ପୃଷ୍ଠା ୭

## ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି

ଭୁବନେଶ୍ୱର, ୪/୯ (ନି.ପ୍ର): ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନ ଜାରି ହୋଇଛି । ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି । ଏବେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରାଯିବ । ଦେଶର ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି ।

▶▶ପୃଷ୍ଠା ୭

## କୋମାରେ ଅଛନ୍ତି ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର



ଭୁବନେଶ୍ୱର, ୪/୯ (ନି.ପ୍ର): ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଖବର । କୋମାରେ ଅଛନ୍ତି ଅଭିଜିତ । ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର କୋମାରେ । ଘରୋଇ ଡାକ୍ତରଖାନାରେ କୋମାରେ ଥିଲେ ଅଭିଜିତ । ଏମ୍ସରେ ଭର୍ତ୍ତି କରିବା ପୂର୍ବରୁ କୋମାରେ ଅଛନ୍ତି ଅଭିଜିତ । ସେ କୋମାରେ ଥିବା ନେଇ ଭୁବନେଶ୍ୱର ଏମ୍ସ ପକ୍ଷରୁ ଦିଆଗଲା ସୂଚନା । ତେବେ ଆଜି କଟକରୁ ଏମ୍ସ ସ୍ଥାନାନ୍ତର ହୋଇଛନ୍ତି ଅଭିଜିତ ମଜୁମଦାର । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଭେଣ୍ଟିଲେଟର ସପୋର୍ଟ

▶▶ପୃଷ୍ଠା ୭

## ଚାରିଚକିଆ ଗାଡ଼ି ଥିଲେ 'ସୁଭଦ୍ରା'ରୁ ବାଦ୍ ପଡ଼ିବେ ଅଯୋଗ୍ୟ



ଭୁବନେଶ୍ୱର, ୪/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଆକାଂକ୍ଷୀ ଯୋଜନା 'ସୁଭଦ୍ରା'ରେ ଲକ୍ଷାଧିକ ଅଯୋଗ୍ୟ ଚତୁରତାର ସହିତ ସାମିଲ ହୋଇଛନ୍ତି । ଏହି ଯୋଜନାରେ ଲକ୍ଷାଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇ ନଥିବା ଅଭିଯୋଗ ମଧ ହେଉଛି । ସରକାର ଏବେ ସଚେତନ ହୋଇଛନ୍ତି । ଅଯୋଗ୍ୟଙ୍କୁ ବାଦ ଦେବାକୁ ତତ୍ପରତା ପ୍ରକାଶ କରିଛନ୍ତି । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗକୁ ମହିଳା ଏବଂ ଶିଶୁ ମହିଳା ବିଭାଗର ଚିଠି ଲେଖିଛି । ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ଏବେ ଏହି ଯୋଜନା ମାଧ୍ୟମରେ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଲେଖାଏଁ ପାଇ ସାରିଛନ୍ତି । ଅନେକ ଅଭିଯୋଗ ଆସିଛି ଯେ, ଚତୁରତାର ସହିତ ଅନେକ ମହିଳା ସୁଭଦ୍ରାରେ ସାମିଲ ହୋଇଛନ୍ତି । କ୍ଷୋଭର କଥା ଯେ, ଆହୁରି ଲକ୍ଷାଧିକ ମହିଳା ଅଛନ୍ତି, ଯେଉଁମାନେ ଏହି ଯୋଜନାରେ ସାମିଲ ହେବା ପାଇଁ ସରକାରଙ୍କୁ ଗୁହାରି କରୁଛନ୍ତି । ସରକାରୀ ତଦନ୍ତରେ ଶିଥିଳତା ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି । ଗୁଣପୁର ବ୍ଲକ ଟିଟିମିରୀ ପଂଚାୟତ ଅନ୍ତର୍ଗତ ଗୁଡ଼ା, ସିଙ୍ଗପଦର, ଅଙ୍କରେଲି ଲକ୍ଷ୍ମୀପୁର ଓ ପାତ୍ରପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳଙ୍କ ନିକଟରେ

▶▶ପୃଷ୍ଠା ୭

## ଏଥର ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା

ଭୁବନେଶ୍ୱର, ୪/୯ (ନି.ପ୍ର): ଏଥର ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା । ପୂଜାକୁ ନେଇ ବିମଏସିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୂଜାରେ ପାର୍କିଂକୁ ଗୁରୁତ୍ୱ ଦିଆଯାଇଛି । ପାର୍କିଂ ନଥିଲେ ମିନା ବଜାର ପଡିବନି କି ମିଳିବନି ରାବଣ ପୋଡି ପାଇଁ ଅନୁମତି । ପ୍ଲାଷ୍ଟିକ ମୁକ୍ତ ହେବ ପୂଜା । ମୁଖ୍ୟ ରାସ୍ତାରେ ତୋରଣ ଲଗେଇ ପାରିବେ ନାହିଁ ପୂଜା କମିଟି ।

▶▶ପୃଷ୍ଠା ୭

# ପଶ୍ଚିମବଙ୍ଗ ବିଧାନସଭାରେ ହାଇଡ୍ରାମା: ବିଜେପି ଉପରେ ମମତା ବାନାର୍ଜୀଙ୍କ ତୀବ୍ର ଆକ୍ରମଣ

ନୂଆଦିଲ୍ଲୀ,୪/୯ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ବିଧାନସଭାରେ ବିଜେପି ଉପରେ ତୀବ୍ର ଆକ୍ରମଣ କରିଛନ୍ତି । ମମତା ଅଭିଯୋଗ କରିଛନ୍ତି, ବିଜେପିର ଏକଛତ୍ରବାଦୀ ଓ ଉପନିବେଶବାଦୀ ମନୋଭାବ ରହିଛି ଏବଂ ସେମାନେ ବଙ୍ଗଳାକୁ ନିଜର ଉପନିବେଶ କରିବାକୁ



ଚାହୁଁଛନ୍ତି । ମମତା କହିଛନ୍ତି, "ବିଜେପି ରାଜ୍ୟର ସ୍ୱାୟତ୍ତତା ଓ ସଂସ୍କୃତିକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଛି । ବିଜେପି କେନ୍ଦ୍ରୀୟ ଶକ୍ତି ବ୍ୟବହାର କରି ବଙ୍ଗଳାକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି । ବିଧାନସଭାରେ ଏକ ପ୍ରସ୍ତାବ ଆଲୋଚନା ସମୟରେ ମମତା ଏହି ମନ୍ତବ୍ୟ ଦେଇଛନ୍ତି,

▶▶ପୃଷ୍ଠା ୭


DADLS- 47



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

OIPR: 15001/13/0991/2526

DADLS- 47



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ରାଜ୍ୟର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0991/2526

# ତସ୍ମୈ ଶ୍ରୀ ଗୁରବେ ନମଃ

## ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ

**ଯଶସ୍ୱିନୀ ପଟ୍ଟନାୟକ**



'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।' ଛାତ୍ରବତ୍ସଳ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ପ୍ରତି ଛାତ୍ରମାନଙ୍କର ଖୁବ ଶ୍ରଦ୍ଧା ଥିଲା । ତେଣୁ ରାଷ୍ଟ୍ରପତି ହେବା ପରେ ଏକ ଛାତ୍ର ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ତାଙ୍କ ଜନ୍ମଦିନ ଜାତୀୟସ୍ତରରେ ପାଳନ କରିବାର ଅଭିଳାଷ ପୋଷଣ କରିଥିଲେ । ତତ୍କାଳୀନ ମାନ୍ୟବର ରାଷ୍ଟ୍ରପ୍ରତି କହିଥିଲେ ତାଙ୍କ ଜନ୍ମ ଦିନ ସେମାନେ ପାଳନ କରିବାକୁ ଚାହୁଁଛନ୍ତି ଏହା ଅତି ଉତ୍ତମ କଥା । କିନ୍ତୁ ସେ ଚାହାନ୍ତି ତାଙ୍କ ଜନ୍ମଦିନ ଶିକ୍ଷକ ସମାଜ ପାଇଁ ସମ୍ମାନ ଆଣିଦେଉ । ଅତଏବ୍ ତାଙ୍କ ଜନ୍ମଦିନକୁ ଶିକ୍ଷକଙ୍କ ସମ୍ମାନ ଦିବସ ବା ଗୁରୁ ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜେ ଜଣେ ଶିକ୍ଷକ ହୋଇଥିବାରୁ ଶିକ୍ଷକକୁଳର ସମ୍ମାନରେ ଏହା ପାଳନ କରାଗଲେ ସେ ଖୁସି ହେବେ ବୋଲି କହିଥିଲେ ।

ଗୁରୁଙ୍କ ମହିମା ଘେନି ସ୍ୱୟଂ ସନ୍ଥ କବୀର ସ୍ୱଲିଖିତ ଏକ ପଦରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଭଗବାନ ଓ ଗୁରୁ ଏକତ୍ର ଦଣ୍ଡାୟମାନ ହେଲେ ସେ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ହିଁ ତାଙ୍କୁ ଈଶ୍ୱରଙ୍କୁ ଜାଣିବାର ଜ୍ଞାନ ସମ୍ଭବ କରାଇବେ । ଯାହା ଭଗବାନଙ୍କୁ ପ୍ରଣାମ କଲେ ହେବନାହିଁ । ସେ ଭଗବାନଙ୍କୁ ପ୍ରଣାମ ହୁଏତ କରିବେ କିନ୍ତୁ ଭଗବାନ କିଏ ଏବଂ କ'ଣ ପାଇଁ ସେ ଶକ୍ତିମାନ ତାହା ଅଜଣା ରହିଯିବ । କବୀର ପୁଣି କହିଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର ମନୁ ଗୁରୁଙ୍କୁ ହିଁ ମଣିଷର ପ୍ରକୃତ ଅଭିଭାବକ ଦର୍ଶାଇଛନ୍ତି । ମନୁଙ୍କ ଅନୁଯାୟୀ, ବିଦ୍ୟା ମାତା ରୂପରେ ଶିଷ୍ୟକୁ ଲାଳନପାଳନ କରନ୍ତି, ସଦ୍‌ଗୁରୁ ସେ ଶିଷ୍ୟକୁ ଉପଯୁକ୍ତ ଭାବେ ବଞ୍ଚିବାର ପରମଲକ୍ଷ୍ୟ ପ୍ରାପ୍ତିର ସାମର୍ଥ୍ୟ ଦେଇଥାନ୍ତି । ପିତା ମାତା ଶିଶୁକୁ ଜନ୍ମ ଦେଇ ତାର ପାଳନ ପୋଷଣ କରିଥାନ୍ତି କିନ୍ତୁ ବିକାଶର ମାଧ୍ୟମ ହୁଅନ୍ତି ଗୁରୁ । ଶିଶୁକୁ ସତପଥରେ ଚାଲିବା ଶିଖାନ୍ତି ଗୁରୁ । ମନୁଙ୍କ ଦୃଷ୍ଟିରେ ବିଦ୍ୟା ମାତା ହେଲେ ଗୁରୁ ତାର ପିତା । ଏହି ପ୍ରସଙ୍ଗରେ ଏକ କାହାଣୀ ମଧ୍ୟ ରହିଛି । ପୁରାଣ ଯୁଗରେ ଜଣେ ରାଜା ଗୁରୁ ଓ ଭଗବାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ସେ ବିଷୟରେ ଏକ ପରୀକ୍ଷା କରିବାକୁ ଅଧିକାଂଶ ଜ୍ଞାନୀ ଗୁରୁ ହିଁ ଶ୍ରେଷ୍ଠ ବୋଲି ମତ ଦେଇଥିଲେ । ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମଣିଷକୁ ଜ୍ଞାନ ଔଜ୍ଜ୍ୱଲ୍ୟ ସହିତ ପରିଚିତ କରାଇଥାନ୍ତି । ପ୍ରଥମେ ଗୁରୁଙ୍କୁ ପୂଜିଲେ ସେ ଯଥାର୍ଥରେ ଭଗବାନଙ୍କ ଲୀଳା ସମ୍ପର୍କରେ ଅବଗତ କରାଇଥାନ୍ତି ।

ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଗୁରୁକୁଳ ଶିକ୍ଷା ଦାନ ଉଲ୍ଲେଖ କରିବାର କଥା ଆବଶ୍ୟକତା ରହିଛି । ପ୍ରାଚୀନ କାଳରେ ଏହି ଶିକ୍ଷା ବିଶେଷ ମହତ୍ତ୍ୱ ରଖିଥିଲା । ସେ ସମୟରେ ଆଜିଭଳି ସ୍କୁଲ ଶିକ୍ଷାର ସୁବିଧା ନଥିଲା । ଥିଲା ଏକ ପାରମ୍ପରିକ ଶିକ୍ଷାଦାନ ବ୍ୟବସ୍ଥା । ଯାହାକୁ କୁହନ୍ତି ଗୁରୁକୁଳ ଶିକ୍ଷା । ଏଥିପାଇଁ ବାଳକ ମାନଙ୍କୁ ଗୁରୁ ଆଶ୍ରମ ପଠାଯାଉଥିଲା । ସେଠାରେ ସେମାନେ ଶିକ୍ଷା ସମାପ୍ତ ଯାଏ ରହି ବିଦ୍ୟା ଶିକ୍ଷା ସହିତ ନୈତିକ ଶିକ୍ଷା ମଧ୍ୟ ଲାଭ କରୁଥିଲେ । ଗୁରୁ ଭାବେ ମୁନି ଋଷି ସେମାନଙ୍କୁ ଶିକ୍ଷାଦାନ ସହିତ ଅଭିଭାବକ ସାଜି ସେମାନଙ୍କର ଭଲମନ୍ଦ ଦେଖାଶୁଣା କରୁଥିଲେ । ଶିଷ୍ୟ ମଧ୍ୟ ଗୁରୁ ପତ୍ନୀଙ୍କୁ ପିତାମାତାର ସମ୍ମାନ ଦେଉଥିଲେ । ଆଧୁନିକ ଯୁଗରେ ଗୁରୁକୁଳ ପରମ୍ପରା ଦେଖିବାକୁ ମିଳୁନଥିଲେ ହେଁ ଗୁରୁକୁଳମାନେ ଅବଶ୍ୟ ପ୍ରତିଷ୍ଠା କରାଯାଉଛି । ବିଶେଷ କରି ଗାନ୍ଧର୍ବ କଳା କ୍ଷେତ୍ରରେ ଏଭଳି ଗୁରୁକୁଳ ଦେଖିବାକୁ ମିଳୁଛି ।

ଆର୍ଯ୍ୟଭୂମି ଭାରତରେ ଗୁରୁ ପୂଜନର ଏକ ସୁଦୀର୍ଘ ପରମ୍ପରା ଯୁଗ ଯୁଗ ଧରି ମହାଭାରତୀୟ ସ୍ରୋତକୁ ଗୌରବାନ୍ୱିତ କରି ଆସୁଛି । ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି । ହିନ୍ଦୁ ଧର୍ମଗ୍ରନ୍ଥରେ ଅନେକ ଗୁରୁଙ୍କ ବର୍ଣ୍ଣନା ରହିଛି । ଯେଉଁମାନେ ଗୁରୁ ଶିଷ୍ୟ ପରମ୍ପରାକୁ ଅତି ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ପୁରାଣର ସେଇ ୯ଜଣ ଶ୍ରେଷ୍ଠ ଗୁରୁଙ୍କ ମଧ୍ୟରେ ଭଗବାନ ଶିବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଥିବା ବେଳେ ଅନ୍ୟ ପ୍ରମୁଖ ଗୁରୁ ହେଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ, ବେଦବ୍ୟାସ, ସାନ୍ଦିପନୀ ଓ ଦ୍ରୋଣାଚାର୍ଯ୍ୟ । ଶିବଙ୍କର ଆଦି ଅନ୍ତ ସମ୍ପର୍କରେ କେହି ଜାଣନ୍ତି ନାହିଁ । ଭଗବାନ ଶଙ୍କର ଅନେକ ଶିଷ୍ୟଙ୍କୁ ପରମ ଜ୍ଞାନ ପ୍ରଦାନ କରିଥିବାର ଦୃଷ୍ଟାନ୍ତ ରହିଛି । ତନ୍ମଧ୍ୟରୁ ଅନ୍ୟତମ ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ । ଶିବଙ୍କ ପ୍ରଦତ୍ତ ପର୍ଶୁରେ ସେ ଅନେକବାର ଧରିତ୍ରୀକୁ କ୍ଷତ୍ରୀୟ ଶୂନ୍ୟ କରିଥିଲେ । କୁହାଯାଏ ଶିବ ହିଁ ସୃଷ୍ଟିର ପ୍ରଥମ ଗୁରୁ । ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ନାଗଙ୍କ ଭଉଣୀ ଦେବୀ ଜରତ୍କାରୁ ମନସାଙ୍କ ଗୁରୁ ମଧ୍ୟ ଭଗବାନ ଶିବ ।

ବୃହସ୍ପତି ଦେବତା ମାନଙ୍କ ଗୁରୁ । ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ମହର୍ଷି ଅଙ୍ଗିରାଙ୍କ ପୁତ୍ର । ସେ ତାଙ୍କ ଜ୍ଞାନ ବଳରେ ଦେବତାଙ୍କୁ ସେମାନଙ୍କ ଯଜ୍ଞ ଭାଗ ପ୍ରାପ୍ତ କରାଇବା ସହିତ ଅସୁରଙ୍କ ଯଜ୍ଞରେ ବିଘ୍ନ ଘଟାଇ ଦାନବଙ୍କୁ ହରାଇବାର ପ୍ରୟାସ କରିଥାନ୍ତି । ବୃହସ୍ପତି ମନ୍ତ୍ରର ପ୍ରୟୋଗ କରି ଦେବତାଙ୍କ ପୋଷଣ କରିବା ସହିତ ସେମାନଙ୍କୁ ରକ୍ଷା କରିଥାନ୍ତି । ମହାନ ଯୋଦ୍ଧା ଏବଂ ଜଣେ ବିଶିଷ୍ଟ ଗୁରୁ ଥିଲେ ପର୍ଶୁରାମ । ତାଙ୍କ ଜନ୍ମ ବ୍ରାହ୍ମଣ କୁଳରେ ହୋଇଥିଲା । ଶିବଙ୍କ ଠାରୁ ସେ ଅସ୍ତ୍ରଶସ୍ତ୍ର ଶିକ୍ଷା ପ୍ରାପ୍ତ କରିଥିଲେ । ଭୀଷ୍ମ, ଦ୍ରୋଣ ତଥା କର୍ଣ୍ଣ ତାଙ୍କର ମହାନ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ । ମହାଭାରତ ଯୁଦ୍ଧ ସମୟରେ କର୍ଣ୍ଣ ପର୍ଶୁରାମଙ୍କୁ ନିଜ ପରିଚୟ ଲୁଚାଇ ତାଙ୍କ ଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରିଥିଲେ । ଏହା ଜାଣିବା ପରେ ସେ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ ।

ଗୁରୁ ଦିବସରେ କେବଳ ଯେ ସ୍କୁଲ ଓ କଲେଜର ଶିକ୍ଷାଗୁରୁ ପୂଜିତ ହୋଇଥାନ୍ତି ତା ନୁହେଁ । ଆଧ୍ୟାତ୍ମିକ ଗୁରୁଙ୍କ ସହିତ ବିଭିନ୍ନ କଳା, କୌଶଳ, କ୍ରୀଡ଼ା ଆଦି ଶିଖାଉଥିବା ଗୁରୁମାନଙ୍କୁ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ସର୍ବପଲ୍ଲୀ ରାଧାକୃଷ୍ଣନ ସମଗ୍ର ବିଶ୍ୱକୁ ଏକ ବିଦ୍ୟାଳୟ ରୂପେ ଜ୍ଞାନ କରୁଥିଲେ । ସେ ଭାବୁଥିଲେ ଶିକ୍ଷା ଦ୍ୱାରା ମସ୍ତିଷ୍କର ଉପଯୁକ୍ତ ବିକାଶ କରାଯାଇପାରିବ । ତେଣୁ ସମଗ୍ର ବିଶ୍ୱକୁ ଏକ ପରିବାର ମନେ କରି ସେହି ଅନୁସାରେ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରାଯିବା ଉଚିତ ବୋଲି କହିଥିଲେ । ସେ ତାଙ୍କ ବକ୍ତବ୍ୟ ଓ ଲେଖା ମାଧ୍ୟମରେ ଭାରତୀୟ ଦର୍ଶନ ଶାସ୍ତ୍ରକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପିତ କରିବାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ପୁରାଣ ଯୁଗରେ ଗୁରୁଙ୍କ ଗୁରୁତ୍ୱ ଗୁରୁ ପୂର୍ଣ୍ଣିମାରେ ପ୍ରତିଫଳିତ ହେଉଥିବା ବେଳେ ଆଧୁନିକ କାଳରେ ଗୁରୁ ଦିବସ ହିଁ ଗୁରୁଙ୍କ ମହିମା ବର୍ଣ୍ଣନାର ଅବସର ଆଣିଦେଇଥାଏ । ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖ ପାଳିତ ହୋଇଥାଏ ଟିଚର୍ସ ଡେ ବା ଗୁରୁ ଦିବସ । ୧୯୬୨ ମସିହାରୁ ନିୟମିତ ଭାବେ ଏହି ଦିବସ ପାଳିତ ହୋଇଆସୁଛି । ଭାରତର ପ୍ରଥମ ଉପରାଷ୍ଟ୍ରପତି, ଦ୍ୱିତୀୟ ରାଷ୍ଟ୍ରପତି, ପ୍ରଜ୍ଞା ପୁରୁଷ, ବିଖ୍ୟାତ ଦାର୍ଶନିକ ଓ ଶିକ୍ଷକ ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ହିଁ ପ୍ରତିବର୍ଷ ଶିକ୍ଷକଙ୍କ ସମ୍ମାନ ଦିବସ ଭାବେ ପାଳନ କରାଯାଉଛି । ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପ୍ରଥମେ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତିଭରା ପ୍ରଣାମ କରି ଆଶୀର୍ବାଦ ଲାଭ କରିଥାନ୍ତି । ଫୁଲମାଳ ପିନ୍ଧାଇ ଚନ୍ଦନ ଚର୍ଚ୍ଚିତ କରିବା ସହିତ ପୂଜା କରାଯାଇଥାଏ । ଶିକ୍ଷକ ମଧ୍ୟ ଗୁରୁ ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଜଣାଇ ସେମାନଙ୍କୁ ବିନୟୀ ହେବାର ପରାମର୍ଶ ଦେଇଥାନ୍ତି ।

+ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## ଗୁରୁ ହିଁ ସାକ୍ଷାତ ଈଶ୍ୱର

**ପ୍ରେମାନନ୍ଦ ପାଣିଗ୍ରାହୀ**

ଗୁରୁ ଅନ୍ଧକାରରୁ ଆଲୋକକୁ, ଅସତ୍ୟରୁ ସତ୍‌ପଥକୁ ମାର୍ଗଦର୍ଶନ କରାଉଥିବା ଏକ ବ୍ୟକ୍ତିସତ୍ତା ଗୃହରେ ମାତା ପିତା, ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ଆମକୁ ନୂତନ ପ୍ରେରଣା, ସହିଷ୍ଣୁତା, ତ୍ୟାଗ ଓ ଜ୍ଞାନ ପ୍ରଦାନ କରିଥାନ୍ତି । ଆମ ଭାରତୀୟ ସଂସ୍କୃତିରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହେଁ ସେ ରାଷ୍ଟ୍ରର ମହାନ ଶକ୍ତି । ପୁରାଣରେ ନଅ ଜଣ ଗୁରୁଙ୍କ ମଧ୍ୟରୁ ଯେପରି ଦେବଦେବ ମହାଦେବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଛନ୍ତି ସେପରି ଭାରତୀୟ ଗୁରୁଶିଷ୍ୟ ପରମ୍ପରାରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଛାତ୍ରବତ୍ସଳ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଶ୍ରେଷ୍ଠ ଗୁରୁର ସମ୍ମାନ ଲାଭ କରିଛନ୍ତି । ଆଦର୍ଶ ଗୁରୁ ଓ ସଫଳ ଜନନାୟକ ଭାବରେ ଭାରତବର୍ଷ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ । ଅସାଧାରଣ ପାଣ୍ଡିତ୍ୱ, କର୍ତ୍ତବ୍ୟନିଷ୍ଠା, ନିସ୍ୱାର୍ଥପର ଜନସେବା, ମାନବିକତା ଯୋଗୁଁ ରାଧାକ୍ରିଷ୍ଣନ୍‌ଙ୍କୁ ଭାରତର ଶ୍ରେଷ୍ଠ ଜାତୀୟ ସମ୍ମାନ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା । ସେ ତାମିଲନାଡୁର ମାନ୍ଦ୍ରାଜ୍ ନିକଟବର୍ତ୍ତୀ ତିରୁଭାନି ଗ୍ରାମରେ ୧୮୮୮ ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଛାତ୍ରାବସ୍ଥାରୁ ତାଙ୍କର ପ୍ରତିଭା ଓ ମହନୀୟ ଗୁଣାବଳୀର ପରିଚୟ ମିଳିଥିଲା । ଶିକ୍ଷା ସମାପ୍ତି ପରେ ସେ ପ୍ରେସିଡେନ୍ସି କଲେଜ, କଲିକତା ବିଶ୍ୱବିଦ୍ୟାଳୟ, ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଦର୍ଶନ ଶାସ୍ତ୍ର ଅଧ୍ୟାପକ ଭାବେ ଆଦର୍ଶ ଶିକ୍ଷାଦାନ ଓ ଛାତ୍ରବତ୍ସଳତା ଯୋଗୁଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ବହୁବର୍ଷ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ରାଧାକ୍ରିଷ୍ଣନ୍ ସ୍ୱୀୟ ପ୍ରତିଭା ଓ କର୍ତ୍ତବ୍ୟ ପରାୟଣତାର ପରିଚୟ ଦେଇଛନ୍ତି । ୧୯୭୫ ମସିହା ଅପ୍ରେଲ ମାସ ୧୭ ତାରିଖରେ ୮୬ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ । ସେହି ପୂଣ୍ୟାତ୍ମା ରାଧାକ୍ରିଷ୍ଣନ୍‌ଙ୍କ ପବିତ୍ର ଜନ୍ମ ଦିବସକୁ ୧୯୬୨ ମସିହା ଠାରୁ ଗୁରୁଦିବସ ରୂପେ ପାଳନ କରାଯାଇଆସୁଅଛି । ଶିକ୍ଷକମାନଙ୍କ କଲ୍ୟାଣ ନିମନ୍ତେ 'ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠି' ଏହି ଦିନ ଠାରୁ ଗଠନ କରାଯାଇ ଅଭାବଗ୍ରସ୍ତ ଶିକ୍ଷକ ଅକାଳମୃତ୍ୟୁ ବରଣ କରୁଥିବା ଅଥବା କ୍ରମାଗତ ପୀଡିତ ରହୁଥିବା ଶିକ୍ଷକ ଏବଂ ତାଙ୍କ ଉପରେ ନିର୍ଭର କରି ଚଳୁଥିବା ପରିବାରବର୍ଗଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି ।

ବୈଦିକ ଯୁଗରୁ ଗୁରୁପୂଜା ଭାରତୀୟ ସଂସ୍କୃତି ସହିତ ଜଡିତ । ପୂଣ୍ୟଭୂମି ଭାରତରେ ଜନ୍ମଗ୍ରହଣ କରିଥିବା ଗୁରୁମାନେ ସମାଜରେ ମହନୀୟ ଆସନ ଗ୍ରହଣ କରିଛନ୍ତି । ଏ ଦେଶର ଶିକ୍ଷା, ସଂସ୍କୃତି, ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ସେମାନେ ଅବିସ୍ମରଣୀୟ ହୋଇରହିଛନ୍ତି । ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ "ଆଚାର୍ଯ୍ୟ ଦେବୋ ଭବଃ"ବୋଲି ସମ୍ବୋଧନ କରାଯାଇ ଅଶ୍ରୀମ ଶ୍ରଦ୍ଧା ପ୍ରଦର୍ଶନ କରାଯାଏ । ଗୁରୁ ସମାଜର ପଥ ପ୍ରଦର୍ଶକ ତଥା ବ୍ୟକ୍ତି ବିଶେଷର ତତ୍ତ୍ୱାବଧାରକ ରୂପେ ବ୍ୟକ୍ତିର ଚିନ୍ତନ, ଭାବନା ଓ କାର୍ଯ୍ୟକୁ ଦିଗଦର୍ଶନ ଦେଇଥାନ୍ତି । ଗୁରୁହିଁ ଶିଷ୍ୟର ମୂଳଦୁଆ ସ୍ଥାପନର ଭିତ୍ତିଭୂମି । ଚରିତ୍ରବାନ, ଆଦର୍ଶ ପରାୟଣ, କର୍ତ୍ତବ୍ୟନିଷ୍ଠ ଓ ଦେଶପ୍ରେମୀ ଛାତ୍ର ସମାଜ ଗଠନ ଗୁରୁଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୁରୁଙ୍କର ଆନ୍ତରିକ ଆର୍ଶୀବାଦରେ ହିଁ ବ୍ୟକ୍ତିର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ସାଧନ ହୋଇଥାଏ । ବିଭିନ୍ନ ଶାସ୍ତ୍ର ପୁରାଣ, ବେଦ, ଭାଗବତ, ଅଷ୍ଟାଦଶ ପୁରାଣରେ ଗୁରୁଙ୍କୁ ଶ୍ରେଷ୍ଠତା ପ୍ରତିପାଦନ କରାଯାଇ କୁହାଯାଇଛି - "ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁର୍ଦେବୋ ମହେଶ୍ୱରଃ, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ" । ଅର୍ଥାତ୍ ଜଗତର ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନ କର୍ତ୍ତା ବିଷ୍ଣୁ ଓ ସଂହାର କର୍ତ୍ତା ମହେଶ୍ୱରଙ୍କର ସମଗ୍ର ଶକ୍ତି ହିଁ ଏକମାତ୍ର ଗୁରୁଙ୍କ ଉପରେ ପୁଞ୍ଜିଭୂତ ହୋଇରହିଛି । ଏହି ତ୍ରିଶକ୍ତିର ଅଧିକାରୀ ଗୁରୁଙ୍କୁ ମୁଁ ପ୍ରଣାମ କରୁଛି । ଗୁରୁ ଯେ ବ୍ରହ୍ମାଙ୍କ ଠାରୁ ଅଭିନ୍ନ ଏହାର ଯଥେଷ୍ଟ ପ୍ରମାଣ ଆମ ଶାସ୍ତ୍ରରେ ରହିଛି । ତେଣୁ କୁହାଯାଇଛି - "ଗୁରୁଙ୍କୁ ନମଣିବ ନର ଗୁରୁ ହିଁ ସାକ୍ଷାତ ଈଶ୍ୱର" ।

ଆମ ଭାରତୀୟ ସଂସ୍କୃତି ସହିତ ଗୁରୁଭକ୍ତି ଓ ଗୁରୁ ସେବା ଅତି ନିବିଡ ଭାବେ ଜଡିତ । ସ୍ୱୟଂ ଭଗବାନ ରାମଚନ୍ଦ୍ର ଗୁରୁ ବଶିଷ୍ଠଙ୍କୁ, ଭଗବାନ ଶ୍ରୀକୃଷ୍ଣ ଗୁରୁ ସନ୍ଦିପନୀଙ୍କୁ, ଶୁକଦେବ ରାଜର୍ଷି ଜନକଙ୍କୁ, ଶ୍ୱେତକେତୁ ଉଦାଳକଙ୍କୁ, ମୈତ୍ରେୟୀ ଯାଜ୍ଞବଲ୍‌କଙ୍କୁ, ଭୃଗୁ ବରୁଣଙ୍କୁ, ନାରଦ ସନ୍ନତ କୁମାରଙ୍କୁ, ଇନ୍ଦ୍ର ପ୍ରଜାପତିଙ୍କୁ, ନଚିକେତା ଯମଙ୍କୁ, ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁକରି ସତ୍ୟଜ୍ଞାନ ଶିକ୍ଷା କରିଥିଲେ । ଏତଦ୍ ବ୍ୟତୀତ ସତ୍ୟକାମ, ଜାବାଳ, ଆରୁଣି, ଉପମନ୍ୟୁ, ଆଦର୍ଶ ଶିଷ୍ୟ ଭାବରେ ଭାରତୀୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ ।

ଶୃଙ୍ଖଳିତ, ସୁସଂଗଠିତ ଓ କର୍ତ୍ତବ୍ୟନିଷ୍ଠ ନାଗରିକ ଗଠନ ଦାୟିତ୍ୱ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନେ ସମାଜର ମେରୁଦଣ୍ଡ । ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କର ଅଜ୍ଞାନ ଅନ୍ଧକାରକୁ ଦୂର କରିବାପାଇଁ ବ୍ୟକ୍ତିଗତ ତଥା ପାରିବାରିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥାନ୍ତି । ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଆମ ସମସ୍ତଙ୍କର କାମ୍ୟ । ଆଜିର ଏହି ଶୁଭ ଅବସରରେ ଶିକ୍ଷକମାନେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ମୂଲ୍ୟବୋଧରେ ଅନୁପ୍ରାଣିତ ହୋଇ ନିଜର ଆଦର୍ଶବାଦ ଓ କର୍ତ୍ତବ୍ୟନିଷ୍ଠା ଦ୍ୱାରା ଏକ ସୁସ୍ଥ ଓ ଶୃଙ୍ଖଳିତ ଛାତ୍ର ସମାଜ ଗଠନ କରି ଦେଶ ଓ ଜାତିର କଲ୍ୟାଣ ସାଧନ ପାଇଁ ମାନସିକତା କରିବା ଉଚିତ୍ । ଶିକ୍ଷାର ପ୍ରସାର ସାଙ୍ଗକୁ ଶିକ୍ଷାର ମାନବୃଦ୍ଧି ହୋଇପାରିଲେ ଗୁରୁଦିବସ ପାଳନର ସାର୍ଥକତା ପ୍ରତିପାଦିତ ହେବ ।

ଭୁଷଳ,ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

## ରାଷ୍ଟ୍ରଗୁରୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

**ଅଜିତ କୁମାର ଜେନା**



ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁଦେବ ମହେଶ୍ୱର... । ଏହି ମହାନ ବାଣୀ ଗୁରୁ ଶିଷ୍ୟ ପରମ୍ପରାକୁ ଚିରକାଳ ଉଜ୍ଜୀବିତ କରିଛି । ଗୁରୁ ଭୂମି ଆମର ଏଇ ଭାରତବର୍ଷ । ଭାରତୀୟ ଆଧ୍ୟାତ୍ମିକ ଅନୁଚିନ୍ତନର ଗୁରୁ ହିଁ ସାକ୍ଷାତ୍ ଭଗବାନ । ଶିକ୍ଷା ପାଇଁ ଗୁରୁ ସର୍ବଦା ବନ୍ଦନୀୟ । ଆଉ ଶିଷ୍ୟପାଇଁ ତାଙ୍କ ଆସନ ସବୁବେଳେ ସବୁଠାରୁ ଉଚ୍ଚରେ । ଉତ୍ତମ ଶିକ୍ଷା ପ୍ରଦାନ କରି ଗୁରୁ ଶିଷ୍ୟଙ୍କ ହୃଦୟରେ ଚିରକାଳ ସ୍ଥାନିତ ହୋଇଥାନ୍ତି । ସେହିଭଳି ଜଣେ ମହାନ୍ ରାଷ୍ଟ୍ରଗୁରୁ ଥିଲେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ । ୧୮୮୮ ସେପ୍ଟେମ୍ବର ମାସ ୫ ତାରିଖରେ ତାମିଲନାଡୁର ତିରୁଭାଣୀ ଗାଁରେ ସର୍ବପଲ୍ଲୀ ବୀରସ୍ୱାମୀ ନାମକ ଜଣେ ନୈଷ୍ଠିକ ବ୍ରାହ୍ମଣଙ୍କ ଔରସରୁ ଜାତ ସେହି ମହାନ୍ ପୁରୁଷ ଥିଲେ ଜଣେ ବିଖ୍ୟାତ ପଣ୍ଡିତ । ବାଲ୍ୟକାଳରୁ ଖୁବ୍ ଭୟାଳୁ ଓ ଲଜ୍ୟାଶୀଳ ଥିବା ରାଧାକ୍ରିଷ୍ଣନ୍ କୌଣସି ଆଲୋଚନାରେ ଭାଗ ନେଉନଥିଲେ ମାତ୍ର ଯାହା ଦେଖୁଥିଲେ ଓ ପଢୁଥିଲେ ଏହାକୁ ଏକାନ୍ତରେ ବସି ମନେମନେ ତାକୁ ବିଚାର ଓ ଆଲୋଚନା କରୁଥିଲେ । ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଅଧିକ ସଞ୍ଚମୀ କରିଥିଲା । ବହୁ ଗୁଣର ଅଧିକାରୀ ରାଧାକ୍ରିଷ୍ଣନ୍ ଭାରତୀୟ ସଂସ୍କୃତିକୁ ସର୍ବାଗ୍ରେ ସମ୍ମାନ ଦେବା ସହିତ ନିଜ କାର୍ଯ୍ୟରେ ମଧ୍ୟ ପାଳନ କରୁଥିଲେ । ସେ ଥିଲେ ଜଣେ ଜ୍ଞାନୀ, ମହାନ୍ ଶିକ୍ଷାବିତ୍, ରାଜନୀତିଜ୍ଞ, ଦାର୍ଶନିକ ତଥା ସୁବକ୍ତା । ପ୍ରକୃତରେ ସେ ଥିଲେ ପୃଥିବୀର ଜ୍ଞାନଦାତା । ୧୨୦ ଖଣ୍ଡ ପୁସ୍ତକ ରଚନା କରିଥିବା ଏହି ମହାନ୍ ପୁରୁଷ ୪୦ବର୍ଷ ଶିକ୍ଷକତା ଜୀବନ ଅତିବାହିତ କରି ପୃଥିବୀବାସୀଙ୍କ ହୃଦୟରେ ସ୍ଥାନିତ ହୋଇଥିଲେ । ସେ କହୁଥିଲେ ଯେ, ଭାରତୀୟ ଶିକ୍ଷକଙ୍କ ଆଖିରେ ରହିଛି ମ୍ୟାଜିକ୍, କଣ୍ଠରେ ସଙ୍ଗୀତର ମୂର୍ଚ୍ଛନା ଏବଂ ମୁଖରେ ମାଧୁର୍ଯ୍ୟର ଅରୁଣିମା । ତାଙ୍କର ପାଣ୍ଡିତ୍ୟ ଓ ଧୀଶକ୍ତିକୁ ସମ୍ମାନ ଜଣାଇ ମଙ୍ଗୋଲିଆ ସରକାର ତାଙ୍କୁ 'ଜ୍ଞାନଗୁରୁ' ଉପାଧିରେ ଭୂଷିତ କରିଥିଲେ । ମାଡ୍ରାସ କଲେଜରେ ଅଧ୍ୟାପକ ଥିଲାବେଳୁ ସେ ଛାତ୍ରମାନଙ୍କର ଅତିପ୍ରିୟ ଥିଲେ । ତାଙ୍କର ଅଗାଧ ପାଣ୍ଡିତ୍ୟ ହେତୁ ୩୦ବର୍ଷ ପୂର୍ବରୁ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ପାଇଁ ସୁଯୋଗ ମିଳିଥିଲା ।

୧୯୪୫ ମସିହାରେ ଋଷିଆର ଶାସକ ଥା'ନ୍ତି ଷ୍ଟାଲିନ୍ । କୌଣସି ଦେଶର ରାଷ୍ଟ୍ରପତିଙ୍କୁ ସହଜରେ ସ୍ୱୀକୃତ ଦେଉନଥିବା ଷ୍ଟାଲିନ୍ ଭାରତ ଦ୍ୱାରା ଋଷିଆରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ଜଣେ ପ୍ରତିଭାବାନ ଶିକ୍ଷକଙ୍କୁ ସ୍ୱୀକୃତି ପ୍ରଦାନ ସହିତ ନିଜେ ସାକ୍ଷାତ ପାଇଁ ଆସିଥିଲେ । ସେହି ପରମପୂଜ୍ୟ ଗୁରୁ ହେଉଛନ୍ତି ଆମ ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ । ୧୯୩୧ରୁ ୧୯୩୬ ମସିହା ଯାଏ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏବଂ ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ ଏହି ମହାନ୍ ଶିକ୍ଷାବିତ୍ ଜଣକ । ୧୯୫୨ ମସିହାରେ ଆମ ଦେଶର ଉପରାଷ୍ଟ୍ରପତି ପଦ ଏବଂ ୧୯୬୨ରେ ପାଞ୍ଚବର୍ଷ ପାଇଁ ଭାରତର ପ୍ରଥମ ନାଗରିକ ତଥା ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ସିଂହାସନ ଅଳଂକୃତ କରି ଦେଶବାସୀଙ୍କର ଶ୍ରଦ୍ଧାବାନ ହୋଇପାରିଥିଲେ । ସେ ଜଣେ ଦକ୍ଷ ଶିକ୍ଷକ ଥିଲେ କିନ୍ତୁ ରାଜନୀତିରେ ସଂପୃକ୍ତ ନଥାଇ ମଧ୍ୟ ରାଜନୀତିର ସର୍ବୋଚ୍ଚ ଆସନ ଅଳଂକୃତ କରିଥିଲେ, ଯାହା ସମଗ୍ର ବିଶ୍ୱପାଇଁ ବିରଳ । ସେ ଜଣେ ମାତ୍ର ରାଷ୍ଟ୍ରପତି ଥିଲେ ଯିଏକି ସପ୍ତାହରେ ଦୁଇଦିନ ବିନା ଅନୁମତିପତ୍ରରେ ସର୍ବସାଧାରଣଙ୍କ ସହିତ ସାକ୍ଷାତ ଆଲୋଚନା କରୁଥିଲେ । ଏକଦା ବିଦେଶରେ ଜଣେ ବ୍ୟକ୍ତି ଦେଶର ବୈଜ୍ଞାନିକ ପ୍ରଗତି ବିଷୟରେ ତାଙ୍କ ବିଚାର କ'ଣ ବୋଲିପଚାରିଲେ । ସେ ବିନମ୍ର ଭାବରେ ଉତ୍ତର ରଖିଲେ - ମହାଶୟ ! ଆପଣଙ୍କ ଦେଶରେ ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରଗତି ହୋଇଛି । ପକ୍ଷୀଭଳି ଆକାଶରେ ଉଡ଼ି ପାରୁଛନ୍ତି । ମାଛ ଭଳି ପାଣିରେ ପହଁରି ପାରୁଛନ୍ତି । କିନ୍ତୁ ସାଂସ୍କୃତିକ ପ୍ରଗତି ଅଭାବରୁ ମନୁଷ୍ୟଭଳି ଧରିତ୍ରୀ ମାତା କୋଳରେ ବାସ କରିବା ଶିଖିନାହାନ୍ତି । ଏହା ହିଁ ଥିଲା ତାଙ୍କ ନିର୍ଭିକତାର ପରିଚୟ ।

ତାଙ୍କର ଅସାଧାରଣ ସ୍ମରଣଶକ୍ତି ଓ ଓଜସ୍ୱିନୀ ଭାଷଣରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥାନ୍ତି । ଥରେ ବମ୍ବେରେ କେତେକ ବ୍ୟକ୍ତି ତାଙ୍କର ପାଣ୍ଡିତ୍ୱକୁ ପରୀକ୍ଷା କରିବା ପାଇଁ ଗୋଟିଏ ସଭାରେ ଭାଷଣ ଦେବାକୁ ଅନୁରୋଧ କଲେ । ମାତ୍ର ସଭାରେ ବକ୍ତୃତା ଦେବାକୁ ଠିଆହେବା ଠିକ୍ ପୂର୍ବରୁ ତାଙ୍କୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଜଣାଇଦିଆଗଲା । ସଙ୍ଗେସଙ୍ଗେ ତାଙ୍କର ପାଣ୍ଡିତ୍ୱପୂର୍ଣ୍ଣ ତଥା ସାରଗର୍ଭକ ଭାଷଣ ଉପସ୍ଥିତ ଶ୍ରୋତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ସମଗ୍ର ସଭାସ୍ଥଳ କରତାଳିରେ ପ୍ରକମ୍ପିତ ହେଲା । ଛାତ୍ର ଅବସ୍ଥାରୁ ରାଧାକ୍ରିଷ୍ଣନ୍ ପ୍ରତ୍ୟେକ କାମକୁ ଠିକ୍ ସମୟରେ କରୁଥିଲେ ଯାହାକୁ କି ସମୟାନୁବର୍ତ୍ତିତା କୁହାଯାଏ ।

ସେହି ମହାନ ଗୁରୁଙ୍କୁ ୧୯୫୪ ମସିହାରେ ମିଳିଥିଲା ଭାରତର ସର୍ବୋତ୍ତମ ଉପାଧି 'ଭାରତରତ୍ନ' । ଏହି ଦକ୍ଷଗୁରୁ ସମାଜସେବୀ ତଥା ରାଷ୍ଟ୍ରନୀତିଜ୍ଞଙ୍କ ମହାପ୍ରୟାଣ ଘଟିଲା ୧୯୭୫ ମସିହା ଏପ୍ରିଲ୍ ୧୭ ତାରିଖରେ ।

୧୯୬୨ ମସିହାରେ ରାଷ୍ଟ୍ରପତି ହେବା ପରେ ସେହିବର୍ଷ କିଛି ଶିଷ୍ୟ ଏବଂ ପ୍ରଶଂସକ ତାଙ୍କର ଜନ୍ମଦିବସରେ ତାଙ୍କୁ ପୂଜା କରି ଗୁରୁଦିବସ ପାଳନ କରିବେ ବୋଲି ଅନୁରୋଧ କଲେ । ସେହିବର୍ଷ ତାଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳିବାର ନିଷ୍ପତ୍ତି ନିଆଗଲା । କିନ୍ତୁ ସେ ଏହାକୁ ତାଙ୍କର ଜନ୍ମଦିବସ ରୂପେ ପାଳନ ନକରି ଶିକ୍ଷକ ଜାତିକୁ ଉତ୍ସର୍ଗ କରିଥିଲେ । ଏହିଦିନ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖକୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ ହୋଇଆସୁଛି ଏବଂ ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ପୂଜା କରିବା ସହିତ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍‌ଙ୍କୁ ସ୍ମରଣ କରିଥାନ୍ତି ।

ଆସନ୍ତୁ ସେହି ପ୍ରଖ୍ୟାତ ଦାର୍ଶନିକ, ଶ୍ରେଷ୍ଠ ଜନନାୟକ, ବନ୍ଦନୀୟ ଶିକ୍ଷକ, ରାଷ୍ଟ୍ରଗୁରୁ ତଥା ସ୍ୱାଧୀନ ଭାରତର ସ୍ମରଣୀୟ ରାଷ୍ଟ୍ରପତିଙ୍କୁ ସମ୍ମାନ ଜଣାଇବା, ସ୍ମରଣ କରିବା ଆଉ ପ୍ରଣାମ କରିବା ।

ରଘୁନାଥ ଉଚ୍ଚ ବିଦ୍ୟାଳୟ,
ରାଇକମା, ମୟୁରଭଞ୍ଜ,
ମୋ: [illegible]



## ଗୁରୁ

**ପୁଷ୍ପାଞ୍ଜଳି ପଣ୍ଡା**

ଗୁରୁ ବ୍ରହ୍ମା ଗୁରୁ ଦେବ ନାରାୟଣ
ଗୁରୁ ଯୋଗେଶ୍ୱର ଶିବ
ଅଜ୍ଞାନ ଅନ୍ଧାର କରିଥାନ୍ତି ଦୂର
ମୁକ୍ତି ଦାତା ଗୁରୁବର ।

ଗୁରୁ ପିତା ଗୁରୁ ମାତା ଗୁରୁ ବନ୍ଧୁ
ଗୁରୁ ଜ୍ଞାନ ଶିକ୍ଷା ଦାତା
ଗୁରୁ କରୁଣାରେ ପଙ୍ଗୁ ଲଙ୍ଘେ ଗିରି
ଗୁରୁ ସର୍ବ ଶକ୍ତି ଦାତା ।

ଅନ୍ତର ବାହାର ପୁରିଥାନ୍ତି ସିଏ
ଗୁରୁ ପରମ ପୁରୁଷ
ଗୁରୁ ଚାହିଁ ଦେଲେ ଅଧମ ହାତରେ
ବିଷ ହୁଅଇ ପିୟୁଷ ।

ସାରା ସଂସାରରେ ଗୁରୁ ନାମ ସାର
ଗୁରୁ ଅଗତିର ଗତି
ଶ୍ରଦ୍ଧା ଭକ୍ତି ଦେଇ ଗୁରୁ ପୁଜିଥିଲେ
ମିଳେ ଜୀବନରେ ମୁକ୍ତି ।

ଶେଷ ବେଳ
କେତେବେଳେ ଆସିଯିବ
କିଏବା କହିବ କେବେ
ଧନ ଜନ କିଛି ସାଥେ ଯିବ ନାହିଁ
ଗୁରୁ ଶେଷ ବେଳେ ଥିବେ ।

+ଜିଲ୍ଲା ପରିଷଦ
କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩

## ପିତାମାତା ପ୍ରଥମ 'ଗୁରୁ'

**ଅମ୍ବିକା ସ୍ୱାଇଁ**

ପିତାମାତା ତୁମ ଚଳନ୍ତି ଠାକୁର
ତୁମର ପ୍ରଥମ ଗୁରୁ
ତାଙ୍କ ପାଦ ତଳେ ପ୍ରଣାମ ଜଣାଇ
କରିବ କାମ ସୁରୁ ।

କେତେ ଆଶୀର୍ବାଦ ଢ଼ାଳିବେ ତୁମକୁ
ତୁମ ହିତ ତାଙ୍କ ଚିନ୍ତା
ତାଙ୍କ କଥା ମାନି ଚଳିଲେ ପିଲାଏ
ହୋଇବ ଜଗତ ଜିତା ।

ପ୍ରଥମେ ସେମାନେ ଶିଖାନ୍ତି ତୁମକୁ
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ତୁମ ହାତେ ଧରାନ୍ତି ଖଡ଼ି ସିଲଟ
ଘୋଷାନ୍ତି ଅ,ଆ,ଇ,ସ୍ୱର
ତାଙ୍କରି ଆଶିଷ ଝରଣା ବାରିରେ
ଗଢା ତୁମରି ଜୀବନ
ସେ ଅମୃତ କୋଳ ପରଶ ରେ ଥାଇ
ପାଇଥା ପାଣି ପବନ ।

ତୁମ ଜୀବନର ଦୁଃଖ ଦୂର ପାଇଁ
ପ୍ରଭୁଙ୍କୁ କରନ୍ତି ଅଳି
ବୁଝିଥାନ୍ତି ସଦା ତୁମରି ଖବର
ନିଜ ସୁଖ ଦେଇ ବଳି ।

କଥାକୁହା ଦେବାଦେବୀ ସେ ତୁମର
ତାଙ୍କୁ କରୁଥିବ ଭକ୍ତି
ଯୁଆଡେ ଗଲେ ବି ଯେଉଁଠି ରହିଲେ
ତାଙ୍କଠି ରଖିବ ମତି ।

ତାଙ୍କର ଯତନ ନେଉଥିବ ତୁମେ
କରି ସମ୍ମାନ ଆଦର
ତୁମ ଜନ୍ମ ଦାତା ତୁମ ପିତାମାତା
ସ୍ୱୟଂ ସାକ୍ଷାତ ଈଶ୍ୱର ।

+ଭୁବନେଶ୍ୱର,
ମୋ: ୯୭୭୭୫୯୯୬୯୫

## ଗୁରୁ ହିଁ ସାକ୍ଷାତ ଈଶ୍ୱର


ପ୍ରଶାନ୍ତ କୁମାର ନାୟକ




ପବିତ୍ର ଭାରତବର୍ଷ ହେଉଛି ଜ୍ଞାନ ଓ ଗରିମାର ଦେଶ । ଗୁରୁ ଶିଷ୍ୟ ପରଂପରା ଭାରତୀୟ ସଂସ୍କୃତିର ଏକ ପବିତ୍ର ବନ୍ଧନ ଅଟେ। ଏ ଦେଶର ଶିକ୍ଷା ପ୍ରଣାଳୀ ପ୍ରାଚୀନ କାଳରେ ଉନ୍ନତ ଧରଣର ଥିଲା । ଶିଷ୍ୟମାନେ ଗୁରୁକୁଳ ଆଶ୍ରମ ମଧ୍ୟରେ ରହି ଗୁରୁଙ୍କର ସେବାକରି ଶିକ୍ଷାଲାଭ କରୁଥିଲେ । ଉଭୟ ଶିକ୍ଷା ଓ ଦୀକ୍ଷା ପ୍ରଦାନ କରିବା ଥିଲା ଗୁରୁଙ୍କର କର୍ତ୍ତବ୍ୟ । ଶିକ୍ଷାଲାଭ ପରେ ଶିକ୍ଷାର୍ଥୀମାନେ ଗୃହକୁ ଫେରିଆସି ଗୁରୁଙ୍କ ପ୍ରଦତ୍ତ ଜ୍ଞାନକୁ ଆଧାରକରି ଜୀବନ ଅତିବାହିତ କରୁଥିଲେ । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନର ଆଲୋକ ପ୍ରଦାନ ନିମିତ୍ତ ଗୁରୁ ସର୍ବଦା ପ୍ରଚେଷ୍ଟାରତ ଥା'ନ୍ତି। ସେଇଥିପାଇଁ ତ ସେ ଗୁରୁ ।

ସ୍କନ୍ଧ ପୁରାଣରେ କୁହାଯାଇଛି :-

'ଗୁ' ଶବ୍ଦ ଅନ୍ଧକାରସ୍ୟ<br>
'ରୁ' ଶବ୍ଦ ସ୍ତତ୍ ନିରୋଧକ ।<br>
ଅନ୍ଧକାର ନିରୋଧତ୍ୱାତ୍<br>
ଗୁରୁରୀତ୍ୟ ଭିଧାୟତେ ।।

ଅର୍ଥାତ୍ 'ଗୁ' ଶବ୍ଦର ଅର୍ଥ ଅନ୍ଧକାର, 'ରୁ' ଶବ୍ଦ ତାହାର ନିରୋଧକ । ତେଣୁ ଅନ୍ଧକାରକୁ ନିରୋଧ କରୁଥିବା ବ୍ୟକ୍ତି ହିଁ ଯଥାର୍ଥରେ ଗୁରୁ ଅଟନ୍ତି ।

' ଅସତୋ ମାଂ ସଦ୍ ଗମୟ<br>
ତମସା ମାଂ ଜ୍ୟୋତିର୍ଗମୟ<br>
ମୃତ୍ୟୁର୍ମା ଅମୃତଂ ଗମୟ ।।'

ଅର୍ଥାତ୍ ହେ ଗୁରୁଦେବ, ମୋତେ ଅସତ୍‌ରୁ ସତ୍ ମାର୍ଗ ଆଡକୁ ନିଅନ୍ତୁ । ଅନ୍ଧକାରରୁ ଆଲୋକ ଆଡକୁ ନିଅନ୍ତୁ । ମୃତ୍ୟୁରୁ ଅମୃତ ଆଡକୁ ନିଅନ୍ତୁ।

ପ୍ରତି ବର୍ଷ ସେପ୍ଟେମ୍ବର ମାସ ୦୫ ତାରିଖକୁ ଗୁରୁଦିବସ ଭାବରେ ଭାରତରେ ପାଳନ କରାଯାଇଥାଏ । ଏହି ଦିବସଟି ବିଶେଷଭାବରେ ଶିକ୍ଷାନୁଷ୍ଠାନଗୁଡିକରେ ପାଳିତ ହୋଇଥାଏ। ଭାରତର ଭୂତପୂର୍ବ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଗୁରୁଦିବସ ଭାବରେ ପାଳନ କରାଯାଇଥାଏ। ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ଜୀବନ ଆରମ୍ଭକରି ଅନେକ ବର୍ଷ ଧରି ନିଷ୍ଠାର ସହିତ ଅଧ୍ୟାପନା କରିଥିଲେ । ସେ ୧୮୮୮, ସେପ୍ଟେମ୍ବର ମାସ ୦୫ ତାରିଖ ଦିନ ଆନ୍ଧ୍ର ପ୍ରଦେଶର ତିରୁତାନୀ ଠାରେ ଜନ୍ମିତ ହୋଇଥିଲେ । ଭାରତର ଶିକ୍ଷା କ୍ଷେତ୍ରରେ ତାଙ୍କର ଯୋଗଦାନ ଅବର୍ଣ୍ଣନୀୟ ଥିଲା । ଶିକ୍ଷାପ୍ରତି ତାଙ୍କର ଆନ୍ତରିକତା ଏବଂ ଶିକ୍ଷକମାନଙ୍କ ପ୍ରତି ତାଙ୍କର ଆଦର ଓ ଅଶେଷ ଶ୍ରଦ୍ଧାନିମନ୍ତେ ତାଙ୍କର ଜନ୍ମ ଦିବସକୁ ୧୯୬୨ ମସିହାରୁ ଗୁରୁଦିବସ ଭାବରେ ପାଳିତ ହୋଇ ଆସୁଅଛି ।

ଭଗବାନ କୃଷ୍ଣ, ଶ୍ରୀ ରାମଚନ୍ଦ୍ର, ପର୍ଶୁରାମ ମଧ୍ୟ ସ୍ୱୟଂ ଶିଷ୍ୟତ୍ତ୍ୱ ଗ୍ରହଣ କରିଥିଲେ । ପ୍ରାଚୀନ କାଳରେ ଗୁରୁକୁଳ ପରଂପରା ମଧ୍ୟ ରହିଥିଲା । ଶିକ୍ଷାଲାଭ କଲାପରେ ଶିଷ୍ୟମାନେ ନିଜନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରି ଗୁରୁ ପ୍ରଦତ୍ତ ଜ୍ଞାନକୁ ଆଧାରକରି ଜୀବନ ନିର୍ବାହ କରୁଥିଲେ । ଶିଷ୍ୟପ୍ରତି ସ୍ନେହ, ଶିକ୍ଷାଦାନ , କର୍ତ୍ତବ୍ୟ ପରାୟଣତା, ବାସ୍ତବ ଅନୁଭୂତି ଆଦିସବୁ କ୍ଷେତ୍ରରେ ତାଙ୍କର ଗୁରୁତ୍ୱ ସମାଜ ଉପଲବ୍ଧି କରିପାରୁଥିଲା । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଏକ ସୁନ୍ଦର ଅନାବିଳ ସଂପର୍କ ଥିଲା । ଆଜିର ଗୁରୁଦିବସ ତାହା ସୂଚାଇଥାଏ । ଏହି ଦିବସର ପାଳନ ଗୁରୁ ଓ ଶିଷ୍ୟ ଉଭୟଙ୍କପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଗୁରୁଙ୍କ ପ୍ରଦତ୍ତ ବିଦ୍ୟା ଶିଷ୍ୟର ସାମଗ୍ରିକ ବିକାଶରେ ସାହାଯ୍ୟ କରିଥାଏ। ଗୁରୁଙ୍କଠାରୁ ଶିକ୍ଷାଲାଭକରି ଶିଷ୍ୟ ସଚେତନ, ସମର୍ଥ, ରୋଜଗାରକ୍ଷମ ଓ ସ୍ୱଚ୍ଛଳ ହୁଏ । ଯିଏ ଶ୍ରଦ୍ଧାବାନ୍ ସିଏ ଗୁରୁଙ୍କଠାରୁ ଅଧିକ ଶିକ୍ଷାଲାଭ କରିଥାଏ। ଯିଏ ଜିଜ୍ଞାସୁ ସିଏ ଗୁରୁଙ୍କଠାରୁ ଅଧିକ ଶିଖିବାକୁ ପ୍ରୟାସୀ ହୁଏ । ଗୁରୁଙ୍କ କାର୍ଯ୍ୟାବଳୀକୁ ସ୍ମରଣକରି ଛାତ୍ରଛାତ୍ରୀମାନେ ପାରମ୍ପରିକ ଭାବରେ ଗାୟନ କରିଥାଆନ୍ତି :-

'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର,<br>
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।'

ଶିକ୍ଷାବିନା ଆମ ଜୀବନର କଳ୍ପନା କରିବା ଅସମ୍ଭବ । ଯେପରି ଆମର ଶରୀରକୁ ଖାଦ୍ୟର ଆବଶ୍ୟକତା ରହିଛି, ସେହିପରି ଆମକୁ ଜୀବନରେ କିଛି ହାସଲ କରିବାକୁହେଲେ କିମ୍ବା ଆଗକୁ ବଢିବାକୁ ହେଲେ ଶିକ୍ଷାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ଅଟେ ।

ଆମ୍ଭର ମାତାପିତା ଆମକୁ ଜନ୍ମ ଦେଇଥା'ନ୍ତି ସତ, କିନ୍ତୁ ଶିକ୍ଷକଙ୍କ ଉଚିତ ମାର୍ଗଦର୍ଶନରେ ଆମ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ। ସେଥିପାଇଁ ଶିକ୍ଷକଙ୍କ ସ୍ଥାନ ସବୁଠାରୁ ଉର୍ଦ୍ଧ୍ୱରେ । ଜଣେ ଶିକ୍ଷକ ନିଃସ୍ୱାର୍ଥପର ଭାବରେ ଶିକ୍ଷା ପ୍ରଦାନ କରିଥାଏ। ଶିକ୍ଷକମାନଙ୍କର ଏହି ଯୋଗଦାନପାଇଁ ଆମେ ସର୍ବଦା ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ଉଚିତ। କାରଣ ଗୁରୁ ଜଣେ ମଣିଷ ହେଲେ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ଅସାଧାରଣ। ଗୁରୁ ସର୍ବଦା ଭଗବାନଙ୍କ ସହିତ ତୁଳନୀୟ ।

ଶିକ୍ଷକ ହେଉଛନ୍ତି ବଗିଚାର ସେହି ମାଳି ସଦୃଶ, ଯିଏକି ବଗିଚାକୁ ବିଭିନ୍ନ ରଙ୍ଗବେରଙ୍ଗର ଫୁଲରେ ସୁସଜ୍ଜିତ କରିଥା'ନ୍ତି। ଅର୍ଥାତ୍ ବିଦ୍ୟାଳୟ ଯଦି ବଗିଚା ହୁଏ ସେହି ବଗିଚାର ମାଳି ହେଉଛନ୍ତି ଶିକ୍ଷକ ଏବଂ ଶିଷ୍ୟ ହେଉଛନ୍ତି ସେହି ବଗିଚାର ଫୁଲ। ଫୁଲର ରଙ୍ଗ ହେଉଛି ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ। ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ନିଜ ଜୀବନର ଚାଳିଶି ବର୍ଷ କାଳ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଜୀବନ ଅତିବାହିତ କରିଥିଲେ। ସେ ସ୍ୱାଧୀନ ଭାରତର ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ହୋଇଥିଲେ। ଶିକ୍ଷାପ୍ରତି ତାଙ୍କର ଯଥେଷ୍ଟ ଅବଦାନ ରହିଛି ଯାହା ଦେଶବାସୀଙ୍କପାଇଁ ବଡ ସମ୍ମାନ ସଦୃଶ ଅଟେ। ବାସ୍ତବରେ କହିବାକୁଗଲେ ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜ ନିର୍ମାଣକାରୀ । ଯିଏ ଛାତ୍ରଛାତ୍ରୀଙ୍କୁ ସମାଜର ଉତ୍ତମ ମଣିଷ ରୂପେ ଗଢିତୋଳିଥା'ନ୍ତି। ସେହି ମହାନ ଶିକ୍ଷକଙ୍କୁ ଆଜିର ଏ ପବିତ୍ର ଦିବସରେ ଶତଶତ ଭକ୍ତିପୂତ ପ୍ରଣାମ ।


+ ୟୁନିଟ-୫; ଭୁବନେଶ୍ୱର<br>
ଫୋନ୍ - ୮୨୪୯୬୫୦୪୧୪


## 'ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର'


ବିକ୍ରମ କେଶରୀ ବିଶ୍ୱାଳ




ପୂର୍ବତନ ରାଷ୍ଟ୍ରପତି ତଥା ଚିନ୍ତା ନାୟକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମ ଦିବସ ସେପ୍ଟେମ୍ବର ୫କୁ ସାରା ଦେଶ ଗୁରୁ ଦିବସ ଭାବେ ପାଳନ କରୁଥିବାବେଳେ ବାସ୍ତବରେ ଗୁରୁ ଦିବସର ବିଭିନ୍ନ ଦିଗ ସମ୍ପର୍କରେ ସହୃଦୟ ପାଠକଙ୍କ ପାଖରେ ଉପସ୍ଥାପନ କରୁଛି। ଏହା ନିଃସନ୍ଦେହ ଜଣଙ୍କ ଜୀବନରେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ଗୁରୁ ହିଁ ସାକ୍ଷାତ ଈଶ୍ୱର। ଜଣକୁ ସତପଥ ପ୍ରଦର୍ଶନ କରାଇବା ନିମନ୍ତେ ଈଶ୍ୱର ହିଁ ଗୁରୁରୂପରେ ଶରୀର ଧାରଣ କରିଥାନ୍ତି। ତେଣୁ ଗୁରୁ ହେଉଛନ୍ତି ପ୍ରତିଟି ଜୀବନ ଚେତନାର ପରମ ଆଦର୍ଶର ସ୍ୱରୂପ। ଗୁରୁ ହେଉଛନ୍ତି ମୁଖ୍ୟ ଦ୍ୱାର। ମଣିଷର ଜୀବନ ପଥରେ ଯାତ୍ରା କରିବାକୁ ଚାହୁଁଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜଣେ ଜଣେ ଗୁରୁ ନିତ୍ୟାନ୍ତ ଆବଶ୍ୟକ। ସକଳ ପ୍ରକାର ପ୍ରଲୋଭନ ବିରୁଦ୍ଧରେ ଏବଂ ପାର୍ଥିବ ଜଗତର ସମସ୍ତ ପ୍ରତିକୂଳ ଶକ୍ତି ବିରୁଦ୍ଧରେ ଦଣ୍ଡାୟମାନ ହେବାଲାଗି ସତସଙ୍ଗ ବା ଗୁରୁ ସାନ୍ନିଧ ସୁଦୃଢ଼ ଦୁର୍ଗ ବା ରକ୍ଷା କବଚ। ଜଗତରେ ଯେତେ ମହାମାନବ ଜନ୍ମ ଗ୍ରହଣ କରିଥିଲେ ସମସ୍ତଙ୍କର ଗୁରୁ ଥିଲେ। ଯେତେ ଋଷି, ଯେତେ ମୁନି, ଯେତେ ଅବତାର, ଯେତେ ମହାତ୍ମା ତଥା ଯେତେ ଆଚାର୍ଯ୍ୟ ଜନ୍ମ ଗ୍ରହଣ କରିଛନ୍ତି ସେମାନେ ସମସ୍ତେ ନିଜର ସକଳ ମହାତ୍ମ୍ୟା ସତ୍ତ୍ୱେ ଜଣେ ଜଣେ ଗୁରୁ କରିଥିଲେ। ଆଧ୍ୟାତ୍ମିକ ଜ୍ଞାନ ଗୁରୁ ପରମ୍ପରା ଅନ୍ତର୍ଗତ। ଗୁରୁ ନିଜ ଶିଷ୍ୟଙ୍କୁ ବା ଛାତ୍ରଙ୍କୁ ଏହି ଜ୍ଞାନ ପ୍ରଦାନ କରିଥାନ୍ତି। ଜୀବନରେ ପିତାମାତା ହେଉଛନ୍ତି ଆମର ପ୍ରଥମ ଗୁରୁ। ଆମ ଜୀବନର ପ୍ରଥମ ଶିକ୍ଷା, ସମାଜ ସମ୍ପର୍କରେ ଧାରଣା ଓ ଜୀବନକୁ ଜାଣିବାର ସାମର୍ଥ୍ୟ ପିତାମାତା ହିଁ କରିଥାନ୍ତି। କିନ୍ତୁ ଟିକିଏ ବିଚାର କଲେ ସତରେ ଆମେ କ'ଣ ଫକୀର ମୋହନ ସେନାପତିଙ୍କ ବର୍ଣ୍ଣିତ 'ଡାକମୁନସୀ'ର ଗୋପାଳିଆ ନୁହେଁ ତ ? ପିଲାମାନଙ୍କୁ ଅନେକ କଷ୍ଟ ସହି ବାପାମାଆ ଆମ୍ଭ ମାନଙ୍କୁ ସମାଜରେ କେବଳ ଶିକ୍ଷା ଦେଇନଥାନ୍ତି ବରଂ ଛିଡ଼ା ହେବା ପାଇଁ ସାମର୍ଥ୍ୟ ଓ ସାହାସ ପ୍ରଦାନ କରିଥାନ୍ତି। ବାସ୍ତବରେ ଆମେ କ'ଣ ସତରେ ଆମ ବାପାମାଆଙ୍କୁ କୃତଜ୍ଞତାର ଋଣକୁ ପରିଶୋଧ କରିବା ପାଇଁ ଚିନ୍ତା କେବେ କରିଛେ। ଅନେକ ପିଲା ଉଚ୍ଚଶିକ୍ଷିତ ହୋଇ ବିଦେଶରେ ରହି କିଛିଟା ଟଙ୍କା ଗାଁରେ ରହୁଥିବା ବାପାମାଆଙ୍କ ପାଖକୁ ପଠାଇ ଦେଇ ନିଜ କର୍ତ୍ତବ୍ୟ ସାରି ଦେଇଥାନ୍ତି। ଏହା କ'ଣ ଆମ ଜୀବନର ଆଦ୍ୟ ଗୁରୁ ବାପାମାଆଙ୍କ ପ୍ରତି ସର୍ବନିମ୍ନ କର୍ତ୍ତବ୍ୟନିଷ୍ଠା। କିନ୍ତୁ ଅପରପକ୍ଷରେ ଦେଖନ୍ତୁ କମ ପାଠପଢ଼ି ଗାଁ ଭାଷାରେ କହିବାକୁଗଲେ ହିଡମାଟି ହିଡରେ ପକାଇ ବାପାମାଆଙ୍କ ପାଖରେ ରହି ସେମାନଙ୍କ ପରିପୂର୍ଣ୍ଣ ଖୁସିର ହୋଇପାରେ ଟଣାଟଣି ବା ଅଭାବୀ ସଂସାର କିନ୍ତୁ ମହା ଆନନ୍ଦରେ ସେ ପରିବାରଟି ସମୟକୁ ଅତିବାହିତ କରିଥାଏ। କେଉଁଠି କାମଦାମ କରି ହେଉ ବା ମଜୁରୀ ମେହେନତି, ବରଂ ଅପାଠୁଆ ପିଲାଟି ବାପାମାଆଙ୍କର ବେଶୀ ଆଦରଣୀୟ। ଯଦିଓ ସମସ୍ତଙ୍କ କ୍ଷେତ୍ରରେ ଏହାକୁ ଉଦାହରଣ ଭାବେ ମୁଁ ରଖୁନାହିଁ।

ବର୍ତ୍ତମାନର ସମୟକୁ ଦେଖନ୍ତୁ। ପ୍ରାଚୀନ ଗୁରୁକୁଳ ପରମ୍ପରା ତ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି କିନ୍ତୁ ଆଜିର ସମୟରେ କେଜାଣି କାହିଁକି ଅନେକ ଘଟଣାରୁ ଦେଖାଯାଏ ଗୁରୁ-ଶିଷ୍ୟ ବା ଗୁରୁ-ଶିଷ୍ୟା ସମ୍ପର୍କ ବିବାଦୀୟ, ଅପମାନଜନକ ଓ କଳଙ୍କିତ। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଭଗବାନଙ୍କ ପ୍ରତିନିଧି ଭାବେ ଗ୍ରହଣ କରାଯାଉଥିବା କିଛି ଗୁରୁ ମାନଙ୍କ ଠାରେ ଏପରି ଅବଗୁଣ କାହିଁକି ଦେଖାଯାଏ। ସମାନ ଉତ୍ତର ହୁଏତ ଦିଆଯାଇପାରେ ଯେ ଅନେକ ଛାତ୍ରଛାତ୍ରୀ ଆଧୁନିକତାର ଔଧ୍ୟତାକୁ ଶିକ୍ଷାର ପ୍ରତୀକ ଓ ସମ୍ଭ୍ରାନ୍ତର ପ୍ରତୀକ ଭାବେ ଗ୍ରହଣ କରୁଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଥାଏ। କିଛିଦିନ ତଳେ ବାରିପଦାର ଏକ ଘଟଣା ମୋ ଭିତରେ ଗୁରୁଶିଷ୍ୟ ପରମ୍ପରା ସମ୍ପର୍କକୁ ନେଇ କିଛି କ୍ଷଣ ପାଇଁ ଭାବଗମ୍ଭୀର କରିଦେଲା। ବଦଳି ହେଉଥିବା ଜଣେ ପ୍ରଧାନଶିକ୍ଷକଙ୍କ ପାଇଁ ବିଦ୍ୟାଳୟ ସନ୍ନିକଟ ଛଅ ସାତଖଣ୍ଡ ଗାଁର କେବଳ ଛାତ୍ରଛାତ୍ରୀ ନୁହଁନ୍ତି ସେମାନଙ୍କ ଅଭିଭାବକଙ୍କ ଠାରୁ ଗ୍ରାମବାସୀ ସମସ୍ତେ ଏପରି ଦୁଃଖିତ, ମ୍ରିୟମାଣ ଓ କ୍ରନ୍ଦନରତ ଯେ ତାହା ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ରାଜ୍ୟରେ ଏପରି ଛାତ୍ର ବତ୍ସଳ ଓ ଛାତ୍ରପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହେଉ ବା ଅବସର ସମୟରେ ସେମାନଙ୍କ ପ୍ରତି ଏହିପରି ଯେଉଁ ଅପୂର୍ବ ଭଲପାଇବା, ସମ୍ମାନ ଓ ଶ୍ରଦ୍ଧା ଅର୍ପଣ କରାଯାଏ ଏହାଠାରୁ ଜଣେ ଗୁରୁଙ୍କ ପାଇଁ ଆଉ ସର୍ବୋତ୍କୃଷ୍ଟ ପ୍ରାପ୍ୟ କ'ଣ ବା ହୋଇପାରେ ?

ଶିକ୍ଷା ପଦ୍ଧତିକୁ ଦେଖିଲେ ସମଗ୍ର ଭାରତ ବର୍ଷ ସହ ଓଡ଼ିଶାରେ ଅନେକ ଶିକ୍ଷାନୁଷ୍ଠାନରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି। ଅନେକ ସ୍ଥାନରେ ଶିକ୍ଷାଭିତ୍ତିଭୂମି ମଧ ନାହିଁ। ଏହାମଧ ଶିକ୍ଷାକ୍ଷେତ୍ର ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରେ କାରଣ ଭାରତର ସମ୍ବିଧାନ ଘୋଷଣା କରିଛି ଶିକ୍ଷା ହେଉଛି ସମସ୍ତଙ୍କର ମୌଳିକ ଅଧିକାର। ନାମିଦାମୀ କଲେଜରୁ, ସୁନାମ ଅର୍ଜନ କରି ବେଶ ବିଜ୍ଞପିତ ହୋଇପାରିଥିବା ଶିକ୍ଷା ଅନୁଷ୍ଠାନରୁ ଡିଗ୍ରୀ ହାସଲ କରି ଜଣେ ଯଥାର୍ଥ ଶିକ୍ଷାର୍ଥୀ ବା ବିଦ୍ୟାର୍ଥୀ ହୋଇନଥାଏ। ଜଣେ ଅସଲ ବିଦ୍ୟାର୍ଥୀର ଲକ୍ଷଣ ହେଉଛି ତାଙ୍କର ବିନମ୍ରତା, ପରୋପକାରତା, ନିଷ୍ଠାପରତା, ସାଧୁତା, ସତ୍ୟବାଦୀତା, ନିଷ୍କପଟତା ଓ ମାର୍ଜିତ ତଥା ସଂସ୍କାର ଚେତନାର ଭାବନା। ଆପଣ ଅନେକ ସମୟରେ ଶୁଣିଥିବେ ଦୁଇଜଣଙ୍କ ଭିତରେ ଝଗଡ଼ା ହେଉଥିଲାବେଳେ ଜରେ ଅପରପକ୍ଷକୁ କହିଥାଏ 'ତୋତେ କିଏ ପାଠ ପଢ଼ାଇଥିଲା ?' ଅର୍ଥାତ୍ ଜଣଙ୍କ ଶିକ୍ଷା ସଂସ୍କାର ଠାରୁ ଜୀବନ ସଂସ୍କାର ସବୁକିଛି ନିର୍ଭର କରିଥାଏ ତାଙ୍କ ଗୁରୁଙ୍କ ପ୍ରଦତ୍ତ ଶିକ୍ଷାଜ୍ଞାନ ଦ୍ୱାରା। ଗୁରୁ ଓ ଶାସ୍ତ୍ର ଜଣଙ୍କୁ ପ୍ରକୃତ ପଥ ଦେଖାଇଥାଏ। ସକଳ ସନ୍ଦେହ ଦୂର କରାଇବା ସହ ଗୁରୁକୃପା ଦ୍ୱାରା ଜୀବନ ଆନନ୍ଦମୟ ହୋଇଥାଏ। ଗୁରୁଦିବସ ହେଉଛି ଏପରି ଏକ ସ୍ମରଣୀୟ ଦିବସ ଯେ ସମାଜରେ ଜଣେ ଛୋଟ ହେଉ ବା ବଡ଼ ହେଉ ସିଏ ଡାକ୍ତର ହୁଅନ୍ତୁ ବା ବିଚାରପତି, କୃଷକଟିଏ ହୁଅନ୍ତୁ ବା ଅଭିନେତା, ଏହି ଦିନରେ ସମସ୍ତେ ନିଜ ନିଜ ପ୍ରାତଃ ସ୍ମରଣୀୟ ଗୁରୁଙ୍କୁ ନିଶ୍ଚିନ୍ତ ସ୍ମରଣ ପୂର୍ବକ ସମ୍ମାନ ଅର୍ପଣ କରିବାର ଦିବସ। ନିକଟରେ ସାରା ଭାରତ ବର୍ଷରେ ଆଲୋଡ଼ନ ସୃଷ୍ଟି କରିଥିବା ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘଟଣାକୁ ଟିକିଏ ବିଚାର କରାଯାଉ। ଛାତ୍ରୀଜଣଙ୍କ ଭଗବାନଙ୍କ ତୁଲ୍ୟ ଖୋଦ୍ ଗୁରୁଙ୍କ ଦ୍ୱାରା ବର୍ଷ ବର୍ଷ ଧରି ନିର୍ଯାତିତ। ସମବେଦନା, ଆହାପଦେ କହିବା ପାଇଁ କାହାଙ୍କୁ ବି ପାଇଲେ ନାହିଁ। ଶେଷରେ ସ୍ୱାଭିମାନ ଆତ୍ମ ସମ୍ମାନର ରାସ୍ତାକୁ ବାଛିନେଲେ। ଇଏତ ଭାତ ହାଣ୍ଡିରୁ ଗୋଟିଏ।

ଆଜିକାଲି ଗୁରୁଦିବସ ବିଭିନ୍ନ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ମଧରେ ଅନୁଷ୍ଠିତ ହେଉଛି। ଆମ ମାନଙ୍କ ଗହଣରେ ଆମ ମାନଙ୍କ ପିଲାଦିନେ ଖଡ଼ି ଛୁଆଁଇ ଜୀବନର ଶିକ୍ଷାକୁ ଆଗେଇ ନେଇଥିବା ଏପରି ଅନେକ ଅଭାବ ଅନାଟନ ଓ ସାମ୍ନା କରୁଥିବା ଗୁରୁମାନେ ନିଶ୍ଚିତ ଥିବେ। ସେମାନଙ୍କୁ ଖୋଜି କେବଳ ଗୁରୁ ଦିବସ ପାଇଁ ନୁହେଁ ଯଥା ସମ୍ଭବ ତାଙ୍କ ପାଦ ତଳେ କିଛି କୃତଜ୍ଞତା, ସମର୍ପଣ ପ୍ରଦାନ କଲେ ବାସ୍ତବିକ ଗୁରୁ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପ୍ରତିପାଦିତ ହୋଇପାରିବ। ବାପା-ମାଆ ଆମ ଜୀବନର ଆଦ୍ୟ ଗୁରୁ ତାଙ୍କୁ ପ୍ରତିଟି ମୁହୂର୍ତ୍ତରେ ଜୀବନର ପ୍ରତିକ୍ଷଣରେ ଆନନ୍ଦମୟ ଭାବରେ ରଖିବା ପାଇଁ ପ୍ରଯତ୍ନଟିଏ ଗୁରୁ ଦିବସର ଚେତନା ହେଉ। ପବିତ୍ର ଗୁରୁ ଦିବସର ଶୁଭକାମନା ଏବଂ ଏ ଦୁନିଆର ତମାମ ଗୁରୁ ମାନଙ୍କୁ ମୋର ସଭକ୍ତି ପ୍ରଣାମ। ପବିତ୍ର ଗୁରୁ ଦିବସର ଆଲୋଚନା ସମୟରେ ମନେପଡୁଛି ଶ୍ରୀମଦ୍ ଭାଗବତର ସେହି କାଳଜୟୀ ପବିତ୍ର ଧାଡ଼ିଗୁଡ଼ିକ - 'ତୋହିର ମନ ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ। ଗୁରୁ ବଚନ ଶିରେ ଧରି, ସୁସାଧୁ ସଙ୍ଗ ସେବା କରି। ବନ ବଚନ ନିଜ ଦେହେ, ନିତ୍ୟ ସେବିବ ଗୁରୁପ୍ରାୟେ। ମୋତେ ପୂଜିବ ଗୁରୁଦେହେ, ମୋ ତହୁଁ ଗୁରୁ ଭିନ୍ନନୋହେ। ଗୁରୁ ଚରଣେ ନମସ୍କାର, ଯତ୍ନେ କରିବ ସପ୍ତବାର। ଗୋରୁ ବ୍ରାହ୍ମଣ ଗୁରୁପାଦେ, ଦେବତା ଅଗ୍ନି ରବି ବୁଦ୍ଧେ। ସେବିବ ବେନି ସନ୍ଧ୍ୟା ମାନେ, ଗାୟତ୍ରୀ ଜପିବ ମଉନେ। ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର।'


ଯାଜପୁର ରୋଡ଼, ଯାଜପୁର,<br>
ମୋ: ୯୯୩୮୫୩୬୦୭୬


## ଗୁରୁ ଦିବସ


ଡକ୍ଟର ସୁରେଶ କୁମାର ନାୟକ




ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପ୍ରତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟନୀରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶୈଶବ ତିରୁଟନୀ ଓ ତିରୁପତିରେ କଟିଥିଲା । ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସପୋର୍ଡ଼ ବିଶ୍ୱବିଦ୍ୟାଳୟ ।

ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ । ୧୯୪୯ରେ ସେ ସୋଭିଏତ୍ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ। ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ ।


ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,<br>
ସେକ୍ଟର-୯, ସିଡିଏ, କଟକ


## ଗୁରୁ ହିଁ ଭଗବାନ


ଯୁଧିଷ୍ଠିର ମହାରଣା


ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ସ୍ୱୀକାର କର, ତୁମର ଶକ୍ତି ସୀମିତ ଏବଂ ତୁମେ ଭଗବାନଙ୍କ ଅଧୀନ। କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହୁଅ। ଉପଯୁକ୍ତ ଅଧିକାରୀଙ୍କ ଠାରୁ ପରମ ପୁରୁଷ ଭଗବାନଙ୍କର ଗୁଣ- ଗୌରବମାନ ଶ୍ରବଣ କର। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କର। ତା ହେଲେ ସବୁ ଜାଣିପାରିବ।

ଗୁରୁ ହିଁ ଈଶ୍ୱର। ଗୁରୁମୁଖ୍ୟ ନିଃସୃତ ବାଣୀ ହିଁ ଈଶ୍ୱରଙ୍କ ବାଣୀ। ସେ ଆପଣଙ୍କୁ କୌଣସି ଶିକ୍ଷା ଦେବା ଆବଶ୍ୟକ ନାହିଁ, କେବଳ ତାଙ୍କର ଉପସ୍ଥିତି, ତାଙ୍କର ସଙ୍ଗଲାଭ ମଧ ଉନ୍ନତିପ୍ରଦ, ଉତ୍ସାହପ୍ରଦ ଓ ଚେତନାପ୍ରଦ ହୋଇଥାଏ। ଗୁରୁଙ୍କର ସାନ୍ନିଧରେ କେବଳ ବାସ କଲେ ବି ଆପଣଙ୍କର ଜ୍ଞାନଦୀପ ସ୍ୱତଃ ଜଳି ଉଠିବ। ଗୁରୁଙ୍କ ଗହଣରେ ବାସ କରିବା ହିଁ ଆଧ୍ୟାତ୍ମିକ ଶିକ୍ଷା। ଭଗବାନ ସର୍ବକାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧମରେ ଭଗବାନଙ୍କୁ ଜାଣ। ଏପରି ଜଣେ ଅଧିକାରୀଙ୍କୁ ବାଛ ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା। ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଅ, ତାଙ୍କର ସେବା କର ଏବଂ ତାଙ୍କ ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା। ଯଥାର୍ଥରେ ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି - 'ଗୁରୁ ବଚନ କି କରିବ, ଯାହାର ଯେମନ୍ତ ସ୍ୱଭାବ। ତୋହାରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ।'


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ବଦଳିଲା ଜିଏସଟିର ଗଣିତ : ଭାରତୀୟ ଅର୍ଥନୀତି ପାଇଁ କେତେ ଲାଭଦାୟକ ?

ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ପରିଚିତ ବସ୍ତୁ ଏବଂ ସେବା କର (ଜିଏସଟି) ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି, ଯାହା ସାରା ଦେଶରେ ଏକ ବ୍ୟାପକ ଆଲୋଚନାର ବିଷୟ ପାଲଟିଛି । ନିକଟରେ ଅନୁଷ୍ଠିତ ୫୬ତମ ଜିଏସଟି ପରିଷଦ ବୈଠକରେ କର ସ୍ଲାବଗୁଡ଼ିକର ଯେଉଁ ଯୁକ୍ତିସଙ୍ଗତ ପରିବର୍ତ୍ତନ କରାଯାଇଛି, ତାହା କେବଳ ସାଧାରଣ ନାଗରିକଙ୍କୁ ନୁହେଁ, ବରଂ ଶିଳ୍ପ ଜଗତ ଏବଂ ଅର୍ଥନୈତିକ ବିଶେଷଜ୍ଞମାନଙ୍କ ମଧ୍ୟରେ ଆଶା ଓ ଆଶଙ୍କାର ଏକ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଛି । ସେପ୍ଟେମ୍ବର ୨୨, ୨୦୨୫ରୁ ଲାଗୁ ହେବାକୁ ଥିବା ଏହି ପରିବର୍ତ୍ତନର ମୂଳ ଉଦ୍ଦେଶ୍ୟ କର ବ୍ୟବସ୍ଥାକୁ ସରଳ କରିବା, ଉପଭୋକ୍ତାଙ୍କ ଉପରେ ବୋଝ କମାଇବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଗତି ଦେବା ବୋଲି କୁହାଯାଉଛି ।

ଏହି ନୂତନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପୂର୍ବର ଚାରି-ସ୍ତରୀୟ (୫%, ୧୨%, ୧୮% ଏବଂ ୨୮%) ଜିଏସଟି ସ୍ଲାବକୁ ଏକ ସରଳୀକୃତ ଢାଞ୍ଚାରେ ପରିଣତ କରିବା । ବର୍ତ୍ତମାନ ମୁଖ୍ୟତଃ ୫% ଏବଂ ୧୮%ର ଦୁଇଟି ସ୍ଲାବ ରହିବ, ଯାହାଦ୍ୱାରା ଟିକସଦାତାଙ୍କ ପାଇଁ ଅନୁପାଳନ ବୋଝ କମିବ ବୋଲି ଆଶା କରାଯାଉଛି । ଏହା ସହିତ କିଛି ବଛା ବଛା ବିଳାସପୂର୍ଣ୍ଣ ଏବଂ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ସାମଗ୍ରୀ (sin goods) ପାଇଁ ଏକ ନୂତନ ୪୦% ସ୍ଲାବର ବ୍ୟବସ୍ଥା କରାଯାଇଛି । ଏହି ପରିବର୍ତ୍ତନର ସକାରାତ୍ମକ ପ୍ରଭାବ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିବ । କେଶ ତେଲ, ସାବୁନ, ଟୁଥପେଷ୍ଟ, ସାମ୍ପୁ ଭଳି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ୧୮% କିମ୍ବା ୧୨% ସ୍ଲାବରୁ ୫% ସ୍ଲାବକୁ ଅଣାଯାଇଛି । ସେହିପରି, ଲହୁଣୀ, ଘିଅ, ପନିର ଭଳି ଖାଦ୍ୟ ସାମଗ୍ରୀ ଉପରେ ମଧ୍ୟ ଟିକସ ହ୍ରାସ କରାଯାଇ ୫% ସ୍ଲାବରେ ରଖାଯାଇଛି । ଏହାଦ୍ୱାରା ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ମାସିକ ବଜେଟରେ ଏକ ବଡ଼ ଆଶ୍ୱସ୍ତି ମିଳିବ । ଏହା ବ୍ୟତୀତ, କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି ଟ୍ରାକ୍ଟର ସମେତ ସମସ୍ତ କୃଷି ଉପକରଣ ଉପରେ ଜିଏସଟି ୧୨%ରୁ ୫%କୁ ହ୍ରାସ କରାଯାଇଛି, ଯାହା ଚାଷୀମାନଙ୍କ ପାଇଁ ଲାଭଦାୟକ ହେବ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି; ୩୩ଟି ଜୀବନ ରକ୍ଷାକାରୀ ଔଷଧକୁ ସମ୍ପୂର୍ଣ୍ଣ ଜିଏସଟି ମୁକ୍ତ କରାଯାଇଥିବା ବେଳେ ଅନ୍ୟ ଔଷଧଗୁଡ଼ିକ ଉପରେ ଟିକସ ୫%କୁ କମାଇ ଦିଆଯାଇଛି । ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମାକୁ ସମ୍ପୂର୍ଣ୍ଣ ରୂପେ ଜିଏସଟି ମୁକ୍ତ କରାଯିବା ଏକ ଯୁଗାନ୍ତକାରୀ ପଦକ୍ଷେପ ।

ଅଟୋମୋବାଇଲ ଏବଂ ଗୃହ ଉପକରଣ କ୍ଷେତ୍ର ପାଇଁ ମଧ୍ୟ ଏହି ପରିବର୍ତ୍ତନ ବେଶ୍ ଉତ୍ସାହଜନକ । ଛୋଟ କାର, ୩୫୦ସିସି ପର୍ଯ୍ୟନ୍ତ ମୋଟରସାଇକେଲ, ଏୟାର କଣ୍ଡିସନର, ଟିଭି ଏବଂ ଡିଶୱାଶର ଭଳି ସାମଗ୍ରୀକୁ ୨୮% ସ୍ଲାବରୁ ୧୮%କୁ ଅଣାଯାଇଛି । ସିମେଣ୍ଟ ଉପରେ ଜିଏସଟି ୨୮%ରୁ ୧୮%କୁ ହ୍ରାସ କରାଯିବା ନିଷ୍ପତ୍ତି ନିର୍ମାଣ କ୍ଷେତ୍ର ପାଇଁ ଏକ ବଡ଼ ଖବର, ଯାହା ଗୃହ ନିର୍ମାଣ ଖର୍ଚ୍ଚ କମାଇବାରେ ସହାୟକ ହେବ । ଏହିସବୁ ପଦକ୍ଷେପ ବଜାରରେ ଚାହିଦା ବୃଦ୍ଧି କରିବ ଏବଂ ଶିଳ୍ପ ଜଗତକୁ ଏକ ନୂତନ ଗତି ଦେବ ବୋଲି ଆଶା କରାଯାଉଛି ।

ତେବେ, ଏହି ସବୁ ସକାରାତ୍ମକ ଦିଗ ସତ୍ତ୍ୱେ କିଛି ଗୁରୁତର ଆହ୍ୱାନ ଓ ଆଶଙ୍କା ମଧ୍ୟ ରହିଛି । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଟିକସ ହ୍ରାସର ପ୍ରକୃତ ଲାଭ ଉପଭୋକ୍ତାଙ୍କ ପାଖରେ ପହଞ୍ଚିବ ତ ? ଅନେକ ସମୟରେ ଦେଖାଯାଏ ଯେ କମ୍ପାନୀମାନେ ଟିକସ ହ୍ରାସର ସମ୍ପୂର୍ଣ୍ଣ ଲାଭ ଗ୍ରାହକଙ୍କୁ ନ ଦେଇ ନିଜର ଲାଭାଂଶ ବୃଦ୍ଧି କରିଥାନ୍ତି । ଏହି ପରିବର୍ତ୍ତନର ସଫଳତା ପାଇଁ ସରକାରଙ୍କୁ ଏକ ଦୃଢ଼ ମୂଲ୍ୟ ନିରୀକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ପଡ଼ିବ । ଦ୍ୱିତୀୟତଃ, ଏହି ଟିକସ ହ୍ରାସ ଯୋଗୁଁ ସରକାରୀ ରାଜସ୍ୱରେ ପ୍ରାୟ ୪୮,୦୦୦ କୋଟି ଟଙ୍କାର ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି । ଯଦିଓ ସରକାର ଆଶା କରୁଛନ୍ତି ଯେ ବର୍ଦ୍ଧିତ ଚାହିଦା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘକାଳରେ ଏହି କ୍ଷତିକୁ ଭରଣା କରିବ, ତଥାପି ଏହା ଏକ ବଡ଼ ଆର୍ଥିକ ଆହ୍ୱାନ । ଯଦି ଆଶାନୁରୂପ ଅଭିବୃଦ୍ଧି ନ ହୁଏ, ତେବେ ଏହା ସରକାରୀ ଖର୍ଚ୍ଚ ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଭାବ ପକାଇପାରେ ।

ଏହା ବ୍ୟତୀତ, ସବୁ କ୍ଷେତ୍ର ପାଇଁ ଏହି ପରିବର୍ତ୍ତନ ସମାନ ଭାବେ ଲାଭଦାୟକ ହୋଇନାହିଁ । ୨,୫୦୦ ଟଙ୍କାରୁ ଅଧିକ ମୂଲ୍ୟର ପୋଷାକ ଉପରେ ଜିଏସଟି ୧୨%ରୁ ୧୮%କୁ ବୃଦ୍ଧି କରାଯାଇଛି । କୋଇଲା ଉପରେ ମଧ୍ୟ ଟିକସ ୫%ରୁ ୧୮%କୁ ବଢ଼ାଇ ଦିଆଯାଇଛି, ଯାହା ଶକ୍ତି ଉତ୍ପାଦନ ଖର୍ଚ୍ଚକୁ ପ୍ରଭାବିତ କରିପାରେ । ଅନ୍ୟପଟେ, ଓଡ଼ିଶା ଭଳି ରାଜ୍ୟ ପାଇଁ କିଛି ନିର୍ଦ୍ଦିଷ୍ଟ ଚିନ୍ତା ମଧ୍ୟ ରହିଛି । କେନ୍ଦୁପତ୍ର ଉପରେ ଜିଏସଟି ୧୮%ରୁ ୫%କୁ କମାଯାଇଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଛାଡ଼ କରିବା ପାଇଁ ଦୀର୍ଘ ଦିନରୁ ହୋଇଆସୁଥିବା ଦାବିକୁ ଗ୍ରହଣ କରାଯାଇନାହିଁ । ଏହା କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଉନାହିଁ ବୋଲି ଅଭିଯୋଗ ହୋଇଛି । ସେହିପରି, ହସ୍ତତନ୍ତ ସାମଗ୍ରୀ ଉପରେ ୫% ଜିଏସଟି ଲାଗୁ ରହିବା ବୁଣାକାରମାନଙ୍କ ପାଇଁ ଏକ ବୋଝ ହୋଇ ରହିଛି ।

ଜିଏସଟି ସ୍ଲାବର ଏହି ପରିବର୍ତ୍ତନ ନିଶ୍ଚିତ ଭାବରେ ଏକ ସାହସିକ ଏବଂ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ । ଏହାର ଉଦ୍ଦେଶ୍ୟ ଯେତିକି ମହତ, ଏହାର କାର୍ଯ୍ୟକାରିତା ସେତିକି ଆହ୍ୱାନପୂର୍ଣ୍ଣ । ଏହା 'ସହଜ ଜୀବନଯାପନ' ଏବଂ 'ସହଜ ବ୍ୟବସାୟ' ଉଭୟକୁ ପ୍ରୋତ୍ସାହିତ କରିବାର କ୍ଷମତା ରଖେ । ତେବେ ଏହାର ସଫଳତା କେବଳ ଘୋଷଣାରେ ସୀମିତ ନ ରହି ଏହାର ବାସ୍ତବ ରୂପାୟନ ଉପରେ ନିର୍ଭର କରେ । ଟିକସ ହ୍ରାସର ଲାଭ ଯେପରି ପ୍ରକୃତ ହିତାଧିକାରୀ, ଅର୍ଥାତ୍ ସାଧାରଣ ଉପଭୋକ୍ତାଙ୍କ ପାଖରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ କରିବା ସରକାରଙ୍କର ସବୁଠାରୁ ବଡ଼ ଦାୟିତ୍ୱ ହେବ । ଯଦି ଏହା ସମ୍ଭବ ହୁଏ, ତେବେ ଏହି ପରିବର୍ତ୍ତନ ଭାରତୀୟ ଅର୍ଥନୀତି ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ, ନଚେତ୍ ଏହା କେବଳ ଏକ ଘୋଷଣା ହୋଇ ରହିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

# ପବିତ୍ର ଗୁରୁଦିବସର ଅନୁଚିନ୍ତା



### ଡ. କ୍ଷୀରୋଦିନୀ ବେହେରା

ଗୁରୁଙ୍କୁ ନମଣିବ ନର ଗୁରୁ ହିଁ ସାକ୍ଷାତ ଈଶ୍ୱର । ଈଶ୍ୱରଙ୍କର ଅନ୍ୟ ରୂପ ହେଲେ ଗୁରୁ । ତେଣୁ ଗୁରୁଙ୍କ ସଂଜ୍ଞା ନିରୂପଣ କରିବାକୁ ଯାଇ ଯଥାର୍ଥରେ କୁହାଯାଇଛି :-"ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ" । ଅର୍ଥାତ ଗୁରୁହିଁ ସାକ୍ଷାତ ପରମବ୍ରହ୍ମ ସ୍ୱରୂପ । ସୃଷ୍ଟି ଆରମ୍ଭରୁ ଗୁରୁବାଦର ମହାତ୍ମ୍ୟ ସ୍ୱତନ୍ତ୍ର ରହିଅଛି । ଏପରିକି ବ୍ରହ୍ମାଙ୍କ ମଧ୍ୟ ଗୁରୁ ଅଛନ୍ତି । ବାସ୍ତବରେ ପରମବ୍ରହ୍ମ ହିଁ ସଦଗୁରୁ । ତାଙ୍କଠାରୁ ଗୁରୁ ପରଂପରା ସୃଷ୍ଟି ହୋଇଛି । ଅର୍ଥାତ ଗୁରୁ ଏବଂ ଶିକ୍ଷକ ମଧ୍ୟରେ ଭାରତର ଏକ ବୈଦିକ ପରଂପରା କେଉଁ ପୁରାତନ କାଳରୁ ରହିଆସିଛି । ସେଥିପାଇଁ କୁହାଯାଇଛି ଧ୍ୟାନମୂଳେ ଗୁରୁମୂର୍ତ୍ତୀ, ପୂଜାମୂଳେ ଗୁରୁପଦ୍ମ, ମନ୍ତ୍ରମୂଳେ ଗୁରୁବାକ୍ୟଂ, ମୋକ୍ଷମୂଳେ ଗୁରୁକୃପା । ଅତଏବ ଶିଷ୍ୟର ଶୁଭ ସଂସ୍କାର ଓ ଗଭୀର ନିଷ୍ଠା ଥିଲେ ସେ ଗୁରୁଙ୍କ କୃପା ପାଇପାରିବ । ତେଣୁ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଆମ ଭାରତରେ ୧୯୬୨ ମସିହା ପରଠାରୁ ପ୍ରତିବର୍ଷ ଇଂରାଜୀ ସେପ୍ଟେମ୍ବର ପାଞ୍ଚ ତାରିଖ ଦିନ ଶ୍ରଦ୍ଧାର ସହିତ ପ୍ରତି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପବିତ୍ର ଗୁରୁଦିବସ ପାଳନ କରାଯାଉଛି । ଏହି ଦିବସଟି ଭାରତର ପୂର୍ବତନ ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନର ସ୍ମାରକୀ ସ୍ୱରୂପ ପାଳନ ହୋଇଥାଏ । କାରଣ ସେ ଥିଲେ ଏକାଧାରରେ ବିଦ୍ୱାନ, ଶ୍ରେଷ୍ଠ ଦାର୍ଶନିକ, ପଣ୍ଡିତ, ଦୂରଦୃଷ୍ଟିସମ୍ପନ୍ନ, ସାଧୁ, ସ୍ପଷ୍ଟବାଦୀ, ରାଜନିତୀଜ୍ଞ ଏବଂ ଦେଶର ମହାନ ଶିକ୍ଷକ ।

ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ମାଡ୍ରାସର ତିରୁରାଣୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ବୀରସ୍ୱାମୀ ପୁରୋହିତ କାର୍ଯ୍ୟ କରି ଜୀବିକା ନିର୍ବାହ କରିଥିଲେ । ବାଲ୍ୟକାଳରୁ ମେଧାବୀ ଛାତ୍ରଭାବେ ପରିଚିତ । ରାଧାକ୍ରିଷ୍ଣନ୍ ଭେଲ୍ଲୋରର ବୁରହିଦ କଲେଜରୁ ଏଣ୍ଟ୍ରାନ୍ସ ଏବଂ ମାଡ୍ରାସର ଖ୍ରୀଷ୍ଟିୟାନ କଲେଜରୁ ମେଧାବୃତ୍ତି ସହ ଦର୍ଶନ ଶାସ୍ତ୍ରରେ ପ୍ରଥମ ହୋଇ ପ୍ରଥମ ଶ୍ରେଣୀରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ତା'ର ପର ବର୍ଷ ସଉଦାପେଟରେ ଥିବା ଟିଚରସ କଲେଜରୁ କୃତିତ୍ୱ ସହିତ ଏଲ.ଟି. ପାଶ କରିଥିଲେ । ୧୯୦୯ ମସିହାରେ ମାଡ୍ରାସର ପ୍ରେସିଡେନ୍ସି କଲେଜରେ ସେ ଅଧ୍ୟାପକ ଭାବେ ଯୋଗ ଦେଇ ଚାକିରି ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ମହୀଶୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ବିଭାଗୀୟ ମୁଖ୍ୟଭାବେ କାର୍ଯ୍ୟରତ ଥିଲେ । ଏହାର କିଛି ବର୍ଷ ପରେ ଅର୍ଥାତ ୧୯୨୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବେ କାର୍ଯ୍ୟ କରି ସମଗ୍ର ଉତ୍ତର ଭାରତରେ ଜଣେ ସୁନାମଧନ୍ୟ ଅଧ୍ୟାପକ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ୧୯୨୬ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆର୍ନ୍ତଜାତିକ ଦର୍ଶନ କଂଗ୍ରେସରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ପରେ ଭାରତୀୟ ଦର୍ଶନ ଓ ଭାରତୀୟ ପରଂପରାରେ ଆଧ୍ୟାତ୍ମିକବାଦର ସେ ଜଣେ ପ୍ରଚାରକ ଭାବରେ ସୁନାମ କଲେ । ୧୯୩୧ ମସିହାରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କୁଳପତି ରୂପେ ଯୋଗ ଦେଇଥିଲେ । ୧୯୩୯ ମସିହାରେ ବାରାଣସୀର ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧୀଙ୍କ ପରାମର୍ଶକ୍ରମେ ଏବଂ ମଦନମୋହନ ମାଲବ୍ୟଙ୍କ ଅନୁରୋଧକ୍ରମେ ରାଧାକ୍ରିଷ୍ଣନ୍ ଉକ୍ତ ବିଦ୍ୟାଳୟର କୁଳପତି ରୂପେ ଯୋଗ ଦେଇଥିଲେ । ସେବା, ସହିଷ୍ଣୁତା, ଉଦାରତା, ସହନଶୀଳତା, ଦୟା, କ୍ଷମା, ତ୍ୟାଗ, ବଳିଦାନ ଭଳି ଆଧ୍ୟାତ୍ମିକ ଓ ଦୈବୀ ଗୁଣ କିପରି ଭାରତୀୟମାନଙ୍କୁ ସ୍ୱତଃପ୍ରାପ୍ତ ହୋଇଛି ତାହା ସେ ସେଠାରେ ଉପସ୍ଥାପନ କରିଥିଲେ ।

୧୯୪୯ ମସିହାରେ ତତକାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲଙ୍କ ଅନୁରୋଧକ୍ରମେ ସେ ରୁଷିଆର ରାଷ୍ଟ୍ରଦୂତ ନିଯୁକ୍ତି ହେବାପରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗରେ ଅଧ୍ୟାପକ ଭାବେ ଯୋଗଦେବାର ସୌଭାଗ୍ୟ ଅର୍ଜନ କଲେ । ଋଷର ପ୍ରଧାନମନ୍ତ୍ରୀ ଷ୍ଟାଲିନଙ୍କ ସହ ତାଙ୍କର ଘନିଷ୍ଠ ସଂପର୍କ ସ୍ଥାପନ ହେଲା । ୧୯୫୨ରେ ଭାରତର ପ୍ରଥମ ସାଧାରଣ ନିର୍ବାଚନ ହେବା ପରେ ପରେ ସେ ଭାରତର ଉପରାଷ୍ଟ୍ରପତିଭାବେ ଯୋଗ ଦେଲେ, ଯଦ୍ୱାରା ଋଷ ପରିତ୍ୟାଗ କରିବାକୁ ପଡ଼ିଥିଲା । କିନ୍ତୁ ସେହି ସମୟରେ ଋଷର ପ୍ରଧାନମନ୍ତ୍ରୀ ଷ୍ଟାଲିନ କହିଥିଲେ ଯେ ରାଧାକ୍ରିଷ୍ଣନ ଜଣେ ବିରାଟ ହୃଦୟୀ ଓ ଅସାଧାରଣ ଦେଶଭକ୍ତ, ତାଙ୍କର ହୃଦୟ ପୀଡ଼ିତ ମାନବ ସମାଜ ପାଇଁ ଦ୍ରବୀଭୂତ । ଏପରିପ୍ରେକ୍ଷୀରେ ଷ୍ଟାଲିନଙ୍କ ମତକୁ ଇଂରାଜୀରେ ଉଲ୍ଲେଖ କରାଯାଇପାରେ –"**Radhakrishnan is not a narrow patriot. His heart bleeds for suffering humanity.**" ସେ ପ୍ରଥମେ ଏକ ଦଶନ୍ଧି କାଳ ଭାରତର ଉପରାଷ୍ଟ୍ରପତି ରହିବା ପରେ ୧୯୬୨ ମସିହା ମେ ୧୨ ତାରିଖରେ କର୍ମଯୋଗୀ ରାଜେନ୍ଦ୍ର ପ୍ରସାଦଙ୍କ ପରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତିଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ୧୯୬୩ରେ ଇଂଲଣ୍ଡର ସର୍ବୋଚ୍ଚ ଉପାଧି 'ଅର୍ଡର ଅଫ ମେରିଟ୍'ରେ ଭୂଷିତ ହୋଇଥିଲେ । ୧୯୬୭ ମସିହାରେ ସେ ରାଷ୍ଟ୍ରପତି ପଦରୁ ବିଦାୟ ନେଇଥିଲେ । ସମୟର ପ୍ରବାହମାନ ସ୍ରୋତରେ ୧୯୭୫ ମସିହା ଏପ୍ରିଲ ୧୬ ତାରିଖରେ ରାଧାକ୍ରିଷ୍ଣନ୍ ୮୬ ବର୍ଷ ବୟସରେ ଭାରତବାସୀଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ ।



ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଥିଲେ ଜ୍ଞାନଯୋଗୀ, କର୍ମଯୋଗୀ ଓ ରାଷ୍ଟ୍ରନୀତିଜ୍ଞ । ରାଷ୍ଟ୍ରର ଉନ୍ନତି ପାଇଁ ଅନେକ ପୁସ୍ତକ ରଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରୁ 'ଶ୍ରୀମଦଭଗବତଗୀତା'କୁ ଇଂରାଜୀରେ ଅନୁବାଦ କରିବା ଏବଂ ବେଦ ଓ ଉପନିଷଦକୁ ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରୁଥିଲେ, ଯେଉଁଥିପାଇଁ ବିଭିନ୍ନ ଦେଶରେ ବହୁ ସମ୍ମାନସୂଚକ ଉପାଧି ପାଇଥିଲେ । ବହୁ ପ୍ରତିଭାର ଅଧିକାରୀ ଥିବାରୁ ୧୯୫୪ ମସିହାରେ ସମ୍ମାନଜନକ 'ଭାରତ ରତ୍ନ' ତାଙ୍କୁ ପ୍ରଦାନ କରାଯାଇଥିଲା । ଜଣେ ଶିକ୍ଷକଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ସର୍ବୋଚ୍ଚ ସ୍ଥାନରେ ପହଁଚିପାରିଥିବାରୁ ଶିକ୍ଷକମାନଙ୍କ ସମ୍ମାନାର୍ଥେ ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ରୂପେ ପାଳନ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଗୁରୁପଂରପରାକୁ ସମ୍ମାନଦେଇ ଦେଶ ତଥା ରାଜ୍ୟରେ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାଳନ କରିବା ପାଇଁ ଭାରତ ସରକାର ସମ୍ମତି ପ୍ରଦାନ କରିଛନ୍ତି । ଏହି ଦିନ ଶିକ୍ଷାନୁଷ୍ଠାନରେ ଆଦର୍ଶ ଗୁରୁଭକ୍ତି ଓ ଗୁରୁ ମହିମାର ପରାକାଷ୍ଠା ଉପରେ ଆଲୋଚନା କରାଯାଇଥାଏ । ଏହା ହିଁ ଏହି ପବିତ୍ର ଗୁରୁଦିବସର ଅନୁଚିନ୍ତା ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,
ମୋ -୯୭୭୭୭୨୯୦୦୨

# ଗୁରୁ ଦିବସ



### କାଳୀ ଦାସ

ପ୍ରତି ବର୍ଷ ସେପ୍ଟେମ୍ବର ପାଞ୍ଚ ତାରିଖରେ ଆମେ ଗୁରୁ ଦିବସ ପାଳନ କରିଥାଉ । ସେପ୍ଟେମ୍ବର ପାଞ୍ଚ ତାରିଖ ଦିନ ଆମର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜନ୍ମ ଦିବସ । ଡକ୍ଟର ରାଧାକୃର୍ଷ୍ଣ ଜଣେ ଆଦର୍ଶ ଶିକ୍ଷକ ଥିଲେ । ଡକ୍ଟର ରାଧାକୃଷ୍ଣଙ୍କ ଜନ୍ମ ଦିନକୁ ଆମେ ଗୁରୁ ଦିବସ ରୂପେ ପାଳନ କରିଥାଉ । ଭାରତରେ ଗୁରୁ ଦିବସ ୧୯୬୨ ମସିଆରୁ ପାଳନ କରଯାଉଛି ଏବଂ ୧୯୯୪ ମସିଆଠାରୁ ବିଶ୍ୱରେ ଗୁରୁ ଦିବସ ପାଳନ କରାଯାଉଛି ।

ଭାରତୀୟଙ୍କ ପାଇଁ ଗୁରୁଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ଆମ ଦେଶରେ ଗୁରୁ ଶିଷ୍ୟ ପରମ୍ପରା କେଉଁ ଆଦିମ କାଳରୁ ଚାଲିଛି । ଛାତ୍ର ଓ ଛାତ୍ରୀମାନେ ଗୁରୁଙ୍କଠାରୁ କେବଳ ଆନୁଷ୍ଠାନିକ ଶିକ୍ଷା ପାଇନଥାନ୍ତି ବରଂ ଆନୁଷ୍ଠାନିକ ଶିକ୍ଷା ସହିତ ଗୋଟିଏ ଭଲ ମଣିଷ ହେବାର ପ୍ରେରଣା ମଧ୍ୟ ପାଇଥାନ୍ତି ।

ଯେତେବେଳେ ବିଶ୍ୱ ସଭ୍ୟତାର ଆଲୋକ ଠାରୁ ଦୂର ରେ ଥିଲା ସତେବଳ ଆମ ଦେଶରେ ଜ୍ଞାନର ଅନ୍ୱେଷଣରେ ମଣିଷ ବୁଲୁଥିଲେ । ଗୁରୁ ଶିଷ୍ୟ ପରମ୍ପରା, ରେ ଗୋଟିଏ ପିଢି ଅନ୍ୟ ପିଢିକୁ ଜ୍ଞାନ ଦେଇ ଚାଲିଥିଲେ । ଗୁରୁ ଶିଷ୍ୟଙ୍କୁ ନେଇ ଅନେକ କାହାଣୀ ରହିଛି । ଭଗବାନ ଯେତେବେଳେ ଅବତାର ନିଅନ୍ତି ସେତେବେଳେ ସିଏ ମଧ୍ୟ ଜ୍ଞାନ ପାଇଁ ଗୁରୁଙ୍କ ଶରଣରେ ଯାଇଥାନ୍ତି । ରାମଚନ୍ଦ୍ରଙ୍କୁ ଗୁରୁ ବଶିଷ୍ଟଙ୍କ ପାଖ ରୁ ଶିକ୍ଷା ମିଳିଥିଲା ସେହିପରି ଭଗବାନ ଶ୍ରୀ କୃଷ୍ଣ ଗୁରୁ ସନ୍ଦିପନିଙ୍କ ପାଖରୁ ଶିକ୍ଷା ପ୍ରାପ୍ତ କରିଥିଲେ ।

ଗୁରୁଙ୍କ ବନ୍ଦନା କରି କୁହାଯାଏ "ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରୁବେ ନମହ" । ଜଣେ ଶିଶ୍ୟପାଇଁ ଗୁରୁ ହେଲେ ସବୁକିଛି ବ୍ରହ୍ମା ବି ବିଷ୍ଣୁ ବି ଏବଂ ମହେଶ୍ୱର ମଧ୍ୟ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏହି ୩ ଦେବତା ସୃଷ୍ଟି ସ୍ଥିତି ଓ ପ୍ରଳୟ କୁ ପ୍ରତିନିଧିତ୍ୱ କରନ୍ତି । ଇଂରାଜୀରେ ଗୁରୁଙ୍କ ବିଷୟ ରେ କୁହାଯାଏ "**A teacher is a friend philosopher and Guide**" ଏହାର ଅର୍ଥ ହେଲା ଛାତ୍ର ପାଇଁ ଶିକ୍ଷକ ଜଣେ ବନ୍ଧୁ, ଜଣେ ଦାର୍ଶନିକ ଏବଂ ମାର୍ଗଦର୍ଶକ । ଭାରତର ପ୍ରାଚୀନ ପରମ୍ପରା ଗୁରୁ ଶିଷ୍ୟ ପରମ୍ପରା, ଏହା କୁ ବଞ୍ଚାଇ ରଖିବା ପାଇଁ ଆମେ ଗୁରୁ ଦିବସ ପାଳନ କରୁ ।

ଗୁରୁ ଦିବସରେ ଆମେ ଗୁରୁଙ୍କ ସହିତ ଡକ୍ଟର ରାଧାକୃଷ୍ଣଙ୍କୁ ବି ମନେ ପକାଇଥାଉ । ସର୍ବାପଲ୍ଲୀ ରାଧାକୃଷ୍ଣ ଜଣେ ଶିକ୍ଷାବିତ, ଦାର୍ଶନୀକ ଓ ରାଜନୈତିଜ୍ଞ ଥିଲେ । ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଆମ ଦେଶରେ ସେପ୍ଟମ୍ବର ୫କୁ ଗୁରୁ ଦିବସ ରୂପେ ପାଳନ କରାଯାଏ । ୧୯୧୯ ରେ ରାଧାକୃଷ୍ଣ ପ୍ରଥମେ ମାଡ୍ରାସ ଖ୍ରୀଷ୍ଟିୟାନ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ରୂପେ କାର୍ଯରତ ଥିଲେ ସେହି କଲେଜ ରେ ସିଏ ଛାତ୍ର ଛାତ୍ରୀଙ୍କୁ ଫିଲୋସୋଫୀ ପଢାଉଥିଲେ । ତା ପରେ ମହିଶୁର କଲେଜ ରେ ଡକ୍ଟର ରାଧାକୃଷ୍ଣ ଛାତ୍ରଙ୍କୁ ଫିଲୋସୋଫୀ ପଢାଇଲେ । ରାଧାକୃଷ୍ଣ ଚିକାଗୋ ରେ ମଧ୍ୟ ନିଜ ଛାତ୍ର ଛାତ୍ରୀଙ୍କୁ ଫିଲୋସୋଫୀ ପଢାଇଥିଲେ ।



ଗୁରୁ ଦିବସ ପ୍ରାୟ ସମସ୍ତ ଶିକ୍ଷା ଅନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପାଳନ କରାଯାଇଥାଏ । ଛାତ୍ର ଛାତ୍ରୀ ମାନେ ବେଶ ଆକର୍ଷଣିୟ କରି ନିଜର ଶିକ୍ଷାଅନୁଷ୍ଠାନକୁ ସଜାଇ ଥାନ୍ତି । ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀ ନିଜ ପ୍ରିୟ ଗୁରୁଜୀ ଏବଂ ଗୁରୁମାଙ୍କ ବିଷୟରେ ନିଜ ଭାଷଣରେ କହିଥାନ୍ତି । ଗୁରୁଙ୍କ ମହତ୍ୱ ବିଷୟ ରେ ମଧ୍ୟ କହିଥାନ୍ତି । ଗୁରୁ ଦିବସ ଦିନ କିଛି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନାଚ ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ । ଗୁରୁଙ୍କ ମହିମା ଉଚ୍ଚକୋଟିର ଏବଂ ଅତୁଳିନିଅ । ଗୁରୁଙ୍କ ଅବଦାନ କେତେକ ଛାତ୍ରଙ୍କ ଭବିଷ୍ୟତ ସୁଧାରିଛି । ଓଡିଶାରେ ଗୋପବନ୍ଧୁଙ୍କର ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମଣିଷ ଗଢା କାରଖାନା ସତ୍ୟବାଦୀ ବନବିଦ୍ୟାଳୟ ଗୋଟିଏ ଉଦାହାରଣ କହିଲେ ଭୁଲ ହେବନି ।

କିନ୍ତୁ ଆଜିର ଶିକ୍ଷା ଅନୁଷ୍ଠାନ ଓ ଶିକ୍ଷା ପଦ୍ଧତି ଆମର ପୁରୁଣା ମୂଲ୍ୟବୋଧ କୁ ରଖିପାରିନି । ଆଜିର ଶିକ୍ଷା ବ୍ୟୟ ବହୁଳ । ଶିକ୍ଷା ଅନୁଷ୍ଠାନ ଗୁଡିକ ଶିକ୍ଷା ସହିତ ଉନ୍ନତ ମୂଲ୍ୟବୋଧ ଦେବାପାଇଁ ଅକ୍ଷମ । ବେଳେ ବେଳେ ଶିକ୍ଷକଙ୍କ ନା'ରେ ନିର୍ଯାତନର ଅଭିଯୋଗ ହେଉଛି । ଶିକ୍ଷକ ମାନେ ପ୍ରାୟ ତାଙ୍କ ଆଦର୍ଶ ଛାଡିଦେଲେଣି । ଗୋଟିଏ ଆଦର୍ଶ ଶିକ୍ଷକ ଅନେକ ଆଦର୍ଶ ଛାତ୍ର ସୃଷ୍ଟି କରିପାରିବ ଏବଂ ଗୋଟିଏ ଆଦର୍ଶ ସମାଜ ଗଢିପାରିବ ଯାହା ଆଜି ଅସମ୍ଭବ ମନେହେଉଛି ।

ଦିନ ଥିଲା କୃଷ୍ଣ ଆଉ ସୁଦାମା ଗୋଟିଏ ଜାଗାରେ ପାଠ ପଢି ପାରୁଥିଲେ । ଦ୍ରୋଣାଚାର୍ଯ୍ୟ ଓ ଦ୍ରୁପଦ ଗୋଟିଏ ଗୁରୁକୁଳରେ ପାଠ ପଢୁଥିଲେ ଯାହା ଆଜି ଅସମ୍ଭବ ମନେହେଉଛି । ଆମକୁ ଆମର ଶିକ୍ଷାର ମାନଦଣ୍ଡ ବଢାଇବାକୁ ପଡିବ ଯଦି ଆମେ ଏକ ସୁସ୍ଥ ସମାଜ ଗଢିବା ପାଇଁ ଚାହୁଁ ଏହା ପାଇଁ ଆମେ ସମସ୍ତେ ସଜାଗ ହେବା ଉଚିତ ।

ଆମ ସମସ୍ତଙ୍କ ପାଇଁ ଅପରାଧ ମୁକ୍ତ ସମାଜ ଟିଏ ଦରକାର । ଏହା ଆମକୁ ଆମ ଶିକ୍ଷା ଅନୁଷ୍ଠାନ ହିଁ ଦେଇପାରିବ । ସବୁ ଶିଶୁଙ୍କ ଭବିଷ୍ୟତ ଶିକ୍ଷା ଅନୁଷ୍ଠାନରେ ତିଆରି ହୋଇଥାଏ, ତେଣୁ ଶିକ୍ଷକ ଓ ଶିକ୍ଷାଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକ ମାନଙ୍କୁ ତାଲିମ ଦେବା ବେଳେ ଶିକ୍ଷକଙ୍କ ପାଠ୍ୟକ୍ରମ ଏପରି ହେବା କଥା ଯାହା ଦ୍ୱାରା ଏକ ଆଦର୍ଶ ଶିକ୍ଷକ ତିଆରି କରାଯାଇପାରିବ । ଆଜିର ବିଶ୍ୱ ପାଇଁ ତ୍ୟାଗ, ବଳିଦାନ ପରୋପକାରର ଦରକାର ରହିଛି । କେବଳ ଜଣେ ଆଦର୍ଶ ଶିକ୍ଷକ ସମାଜ ରେ ବ୍ୟାପୁ ଥିବା ଅସମାଜିକ ତତ୍ୱ ଉପରେ ଆଙ୍କୁଶ ଲଗାଇପାରିବ । ଶିଶୁଙ୍କୁ ମଣିଷ ପଣିଆର ଶିକ୍ଷା ଦେଇପାରିବ ।

ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

## କବିତା କୋଣାର୍କ

### ଆସିଛି ଗୁରୁ ଦିବସ
**ବିକାଶ କୁମାର ହୋତା**

ଆସିଛି ଆଜି ଗୁରୁ ଦିବସ
ହୋଇଣ ସବୁ ଏକ
ଗୁରୁ ମାନଙ୍କ ମାନ ସମ୍ମାନ
ରଖିବା ଆମେ ଟେକ ।।
ଗୁରୁଜୀ ଆମ କରନ୍ତି ସ୍ନେହ
ଦିଅନ୍ତି ନାନା ଶିକ୍ଷା
ତାହାରି ବଳେ ସମାଜର ଯେ
କରିବା ଆମେ ରକ୍ଷା ।।
ଅଜ୍ଞାନ ସବୁ ଦୂର କରିକି
ଦିଅନ୍ତି ଜ୍ଞାନ ଭରି
ଅବାଟରୁ ସେ ବାଟ ଦେଖାନ୍ତି
କେ ହେବ ତାଙ୍କ ସରି ।।
ଚଳନ୍ତି ଦିଅଁ ଆମରି ପରା
ଅଟନ୍ତି ବାପା ମାଆ
ପ୍ରଥମ ଗୁରୁ ଆମରି ସିଏ
ହୁଅନ୍ତି ସଦା ସାହା ।।
ପିତା,ମାତା ଓ ଗୁରୁଜନଙ୍କ
ସର୍ବଦା ଭକ୍ତି ବଳେ
ଜୀବନ ଆମ ହୁଏ ସୁନ୍ଦର
ଉତ୍ତମ ଫଳ ମିଳେ ।।
ଜଗା ପାଖରେ କରେ ଗୁହାରି
ଢାଳନ୍ତୁ କୃପା ବାରି
ଦୁଃଖ ଓ କଷ୍ଟ ଗୁରୁଙ୍କ ସବୁ
ନିଅ ହେ ପ୍ରଭୁ ହରି ।

+ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର
ଢେଙ୍କାନାଳ
ମୋ: ୭୦୦୮୯୨୮୭୯୮

### ମନେ ପଡ଼େ ଗୁରୁ ଦିବସ କଥା
**ଜୟକୃଷ୍ଣ ସାହୁ**



ମନେ ପଡ଼ିଯାଏ ଆମ ବିଦ୍ୟାଳୟେ
ଗୁରୁଦିବସର କଥା
ସେତେବେଳେ ସତେ ଗୁରୁଙ୍କ ଚରଣେ
ଆପେ ନଇଁଯାଏ ମଥା ।
ଭେଦା କରି ଆମେ ଟଙ୍କେ ଦୁଇ ଟଙ୍କା
ଉପହାର କିଛି କିଣି
ଗୁରୁଙ୍କ ଚରଣେ ଭେଟି ଦେବାପାଇଁ
ରଖିଥାଉ ପାଶେ ଆଣି ।
ସାର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର
ଫଟୋ ଆଣି ଯତନରେ
ଚନ୍ଦନ ସିନ୍ଦୁର ଫୁଲମାଳ ଦେଇ
ପୂଜିଥାଉ ଭକତିରେ ।
କଳାପଟାଟିକୁ ପୋଛିପାଛି ଦେଇ
ଲେଖୁ ସବୁ ନୀତି ବାଣୀ
ବାଛି ବାଛି ବଡ଼ ଲୋକଙ୍କର ବାଣୀ
ଲେଖିଥାଉ ମନ ଜାଣି ।
ଗୁରୁଜୀମାନଙ୍କୁ ଧାଡିରେ ବସାଇ
ପାଦ ସେବା କରି ଥାଉ
ଗୁରୁଙ୍କ ଚରଣେ ଭକତି କୁସୁମ
ଆରପି ଆଶିଷ ନେଉ ।
ସେହି ଦିନ ଆମ ବିଦ୍ୟାଳୟରେ
ସଭାଟିଏ ହୋଇଥାଏ
କିଏ ଗାଇଥାଏ କିଏ ନାଚିଥାଏ
କିଏ କିଛି କହିଥାଏ ।
କମଳା ମିଠେଇ ଗୋଟେ ଗୋଟେ
ଖାଇ
ଫେରିଥାଉ ଆମ ଘର
ସତରେ ଆଜି ମୋ ଗୁରୁଜୀଙ୍କ ମୁହଁ
ଦିଶିଯାଏ ବାର ବାର ।

+କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

### ଶ୍ରୀ ଗୁରବେ ନମଃ
**ଗୋଲୋକବିହାରୀ ବେହେରା**

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ପିତା, ଗୁରୁ ମାତା,
ସଖା ସହୋଦର ।
ଶ୍ରାଣରେ ବର୍ଷା ଗୁରୁ
ଶୀତରେ ଶିଶିର
ବସନ୍ତେ ମଳୟ ସେ ଯେ
ସାକ୍ଷାତ ଈଶ୍ୱର ।
ଗୁରୁ ପଦ କମଳରୁ ଝରେ ସୁଧା ବିନ୍ଦୁ
ଗୁରୁ ଯେ ଅଟନ୍ତି
ପ୍ରେମମୟ କୃପାସିନ୍ଧୁ ।
ଗୁରୁ ସ୍ୱର୍ଣ ମଣି ଗୁରୁ ଯେ ବାସ ଚନ୍ଦନ
ଗୁରୁ ମୁକ୍ତିଦାତା ଗୁରୁ
ଯେ ହରି ସମାନ ।
ଗୁରୁ ପଦେ ବନ୍ଧା ମୋର
ଜୀବନର ଡୋର
ଗୁରୁ ପଦ୍ମପାଦେ
ମୋର କୋଟି ନମସ୍କାର ।

+ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

### ଗୁରୁ ଦିବସ
**ଦୀପକ କୁମାର ନାୟକ**



ମାନବ ରୂପରେ ସାକ୍ଷାତ ଈଶ୍ୱର
ତୁମେ ଏଇ ଜଗତରେ
ତୁମେ ଥିଲ ଅଛ ରହିଥିବ ସଦା
ସଭିଙ୍କର ହୃଦୟରେ ।।
ତୁମ ପାଦତଳେ କୋଟି ଦଣ୍ଡବତ
ଗୁରୁ ତୁମେ ବନ୍ଦନୀୟ
ଦୁନିଆଁରେ ଏକା ତୁମେ ଗୁରୁଦେବ
ଗୁଣ ତୁମ ମହନୀୟ ।।
ତୁମେ ଗୁରୁ ବ୍ରହ୍ମା ତୁମେ ଗୁରୁ ବିଷ୍ଣୁ
ତୁମେ ଗୁରୁ ମହେଶ୍ୱର
ଅଜ୍ଞାନ ଅନ୍ଧାର ଦୂର କରି ତୁମେ
ଦେଖାଅ ଆଲୋକ ଦ୍ୱାର ।।
ଅନ୍ଧାରୀ ଜୀବନେ ଆଲୋକ ଭରିଛ
ଆମର ଯେ ଶିକ୍ଷା ଗୁରୁ
ତୁମ ଶିକ୍ଷା ପାଇ ଜୀବନ ବାଟରେ
ଚାଲିବା କରିଛୁ ସୁରୁ ।।
ତୁମ ଠାରୁ ଶିକ୍ଷା ଲାଭ କରି ଏଇ
ଜୀବନ ହୋଇଛି ଧନ୍ୟ
ତୁମପରି ଗୁରୁ ପାଇବାରେ ମୁହିଁ
ଅରଜିଛି କୋଟି ପୁଣ୍ୟ ।।
ତୁମ ପାଇଁ ଆମେ ଛିଡ଼ା ହୋଇଅଛୁ
ଆଜି ଏଇ ସମାଜରେ
ତୁମ ଆଶୀର୍ବାଦ ସଦା ରହିଥାଉ
ଆମର ଏ ମସ୍ତକରେ
ଆମର ଏ ମସ୍ତକରେ ।।

+ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍ -୭୫୯୦୨୧
ମୋ: ୮୬୩୭୨୬୧୮୨୮

## ଭିନ୍ନ ଜଣେ ଯଶୋଦା ମା'ଙ୍କ ପାଇଁ ଅଶ୍ରୁତର୍ପଣ...

**ପ୍ରଦୀପ କୁମାର ରାୟ**



ସେ ବାରମ୍ବାର ଆସନ୍ତି ମୋ ସ୍ୱପ୍ନରେ । ଯେଉଁଦିନ ମୁଁ ଖୁବ୍ ବେଶି ବିଚଳିତ, ଉଦାସ ଅବସାଦ କିମ୍ବା ଦୁଃଖରେ ଥାଏ ଆଉ ରାତିରେ ନିଦ ହେଉ ନଥାଏ, ଗଭୀର ରାତିରେ ଆଖି ନିଦେଇ ଯିବାପରେ ଫିନ୍‌ଫିନ୍ ଧଳା ଶାଢି ପରିହିତା ସେହି ମାତୃମୂର୍ତ୍ତି ଆସନ୍ତି । ମୁଣ୍ଡ ପାଖରେ ବସି ମୋର ମୁଣ୍ଡକୁ ତାଙ୍କ କୋଳ ଉପରକୁ ଟେକି ନେଇ ଆଦରରେ ଆଉଁସି ଦିଅନ୍ତି । ମୋର ସବୁ ଅବସାଦ, ମୋର ସବୁ ଉଦାସପଣ, ମୋର ସବୁ ଦୁଃଖ ଦୂର ହୋଇଯାଏ । ନିଦ ଭାଙ୍ଗିଯାଏ ଏବଂ ମୁଁ ତାଙ୍କୁ ଖୋଜିବସେ, କିନ୍ତୁ ସେ ଆଉ ନଥାନ୍ତି ଶରୀରରେ..! ପୁଣି ଅବସାଦ ମାଡିବସେ ମୋତେ...!

ମୋର ନିହାତି ପିଲାଦିନର କଥା...

ବାପା ଯେତେବେଳେ ଆମକୁ ଛାଡ଼ି ଚାଲିଗଲେ, ମୋତେ ସେତେବେଳେ ପାଞ୍ଚ ବର୍ଷ ପୂରିବାକୁ ଆହୁରି ଦୁଇମାସ, ସାନଭାଇ ର ବୟସ ସାଢ଼େ ତିନିବର୍ଷ ଏବଂ ଭଉଣୀର ବୟସ ବର୍ଷେ ଦୁଇମାସ । ତିନିନିନିଟା ଅବୋଧ ଶିଶୁଙ୍କୁ ନେଇ ପ୍ରଚଣ୍ଡ ମାନସିକ ଆଘାତକୁ ସହି ବିରାଟ ଜୀବନ କେମିତି ଜୀଇଁବ ମୋ ମା' ପାଇଁ ଥିଲା ଅକଳ୍ପନୀୟ । ଶାଶୁଘରେ ଏମିତି କେହି ନଥିଲେ ଯେଉଁମାନେ ଆଦରି ନେଇଥାନ୍ତେ ଜଣେ ଅଭାଗିନୀକୁ ତାର ତିନୋଟି ଅଭିଶପ୍ତ ଛୁଆମାନଙ୍କ ସହିତ । ଥିଲେ ମଧ କାହିଁକି ଆଶ୍ରୟ ଦେଇଥାନ୍ତେ ଯେ...! ଆଉ ବାପଘର... ! ଆଈ ଓ ନାବାଳକ ମାମୁଁ ତ ଆମରି ପାଖରେ ରହୁଥିଲେ । ବୁଢ଼ୀ ମା , ନାବାଳକ ଭାଇ , ତିନୋଟି ଛୁଆଙ୍କୁ ନେଇ ମୋ ମା' ଦିଗହରା... ନିୟତିର ନିଷ୍ଠୁର ଅଭିଶାପର ବୋଝ ତଳେ ଚାପିହୋଇ ରହି କାନ୍ଦି ବି ପାରୁନଥିଲା ସେ । ଦୁର୍ଭାଗ୍ୟ ହେତୁ ଶୋକ ପାଳିବ କି ଛୁଆଙ୍କୁ କେମିତି ପାଳି ପୋଷି ବଡ଼ କରିବ ସେ !

ପହିଲେ କିଛି ମାସ ତ ଗହଣାଗାଣ୍ଠି ବିକାବିକି କରି ଗଳିଗଲା, ତାପରେ ଗୋଟି ଗୋଟି କରି ଘରର ଆସବାବପତ୍ର ମଧ ବିକ୍ରି ହେବାକୁ ଲାଗିଲା । କିନ୍ତୁ କେତେଦିନ ବା ଏମିତି ଚଳେଇ ପାରିଥାନ୍ତା ସେ ! ସମ୍ବଲପୁରର ବିଶିଷ୍ଟ ଓକିଲ ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ବହିଦାରଙ୍କ ସ୍ତ୍ରୀ ଥିଲେ ମା'ଙ୍କର ସବୁଠାରୁ ଭଲ ସାଙ୍ଗ । ସେହି ସମୟରେ ସବୁଠାରୁ ଅଧିକ ମାନସିକ ଶକ୍ତି ଓ ସାହସ ସେ ହିଁ ଯୋଗାଇଥିଲେ ମା 'କୁ । ଅନ୍ୟ ଶୁଭେଚ୍ଛୁ ମାନଙ୍କ ସହ ସେହି ମାଉସୀ ମା 'କୁ ଚାକିରି କରିବାର ପ୍ରସ୍ତାବ ଦେଲେ । କିନ୍ତୁ କେବେ ଏକଲା ଘରୁ ପଦାକୁ ଗୋଡ କାଢିନଥିବା ଏବଂ ମାତ୍ର ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ମା କି ଚାକିରି ବା କରିଥାନ୍ତା ଯେ ...!

ଠିକ୍ ସେତିକିବେଳେ ଗ୍ରାମସେବିକା ଟ୍ରେନିଂ ପାଇଁ ବିଜ୍ଞାପନ ପ୍ରକାଶ ପାଇଲା । ଶୁଭେଚ୍ଛୁ ମାନଙ୍କର ସହଯୋଗରେ ମା ଆବେଦନ କଲା । ବୋଧହୁଏ ଈଶ୍ୱରଙ୍କୁ ପୂର୍ବରୁ ମା' ପ୍ରତି କରିଥିବା ଅନ୍ୟାୟ ପାଇଁ ଲାଜ ଲାଗିଲା କି କ'ଣ, ସେଥିପାଇଁ ସାମାନ୍ୟ କରୁଣା ସେ ପ୍ରଦର୍ଶନ କଲେ । ମା ଟ୍ରେନିଂ ପାଇଁ ମନୋନୀତ ହେଲା । ଏହି ମନୋନୀତ ହେବା ଯେତିକି ଆଶ୍ୱାସନାର ବିଷୟ ଥିଲା, ତା ଅପେକ୍ଷା ବହୁ ଅଧିକ ଚିନ୍ତାର କାରଣ ହୋଇ ପଡିଥିଲା । ବୁଢ଼ୀ ମା, ସାନ ନାବାଳକ ଭାଇ ଓ ତିନୋଟି ଛୋଟ ଛୋଟ ଛୁଆଙ୍କୁ କାହା ପାଖରେ ଛାଡି ଦୀର୍ଘ ଦେଢବର୍ଷ ପାଇଁ ସୁଦୂର ସତ୍ୟଭାମାପୁରକୁ ଟ୍ରେନିଂ ପାଇଁ ଯିବ ।

ସମ୍ପର୍କୀୟମାନଙ୍କ ସହିତ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଥିଲା ଯେ ମୁଁ ଏବଂ ମାମୁଁ ସାନ ଅଜା ( ମା'ଙ୍କର କାକା) ଙ୍କ ପାଖରେ ସମ୍ବଲପୁରରେ ରହିବୁ ଏବଂ ଆଈ ସାନଭାଇ ଓ ଭଉଣୀକୁ ନେଇ ବଡ଼ ମାଉସୀଙ୍କ ପାଖରେ ରହିବେ ।

ଆମେ ସମସ୍ତେ ଭାଗ ଭାଗ ହୋଇଗଲୁ, ମା ଗଲା ଟ୍ରେନିଂ । ଛୁଆମାନଙ୍କ ପାଖରୁ ବିଚ୍ଛିନ୍ନ ହୋଇ ସତ୍ୟଭାମାପୁର ସିନା ସେ ପହଞ୍ଚିଗଲା, କିନ୍ତୁ ଦିନରାତି ସେଠାରେ ନଖାଇ ନପିଇ କାନ୍ଦିବାକୁ ଲାଗିଲା । ଅସୁସ୍ଥ ହୋଇପଡିଲା ସେ । ଖବର ଗଲା ମା ରମାଦେବୀଙ୍କ ପାଖକୁ । ରମାଦେବୀ ପାଖକୁ ଡକାଇ ମା'ର ଦୁଃଖର କାହାଣୀ ଶୁଣିଲେ । ଆଦେଶ ଦେଲେ ରାତିରେ ତାଙ୍କ ପାଖରେ ଶୋଇବା ପାଇଁ । ପ୍ରତିଦିନ ରାତିରେ ମା କୁ ରମାଦେବୀ ଶୁଣାଇଲେ ସମସ୍ତ ପ୍ରତିକୂଳତା ବିରୁଦ୍ଧରେ ସଂଘର୍ଷ କରି ଭାଗ୍ୟକୁ ବଦଳାଇ ଦେଇ ପାରିଥିବା ନାରୀମାନଙ୍କର କାହାଣୀ । କି ଅପୂର୍ବ ଶକ୍ତି ଥିଲା ସେହି କାହାଣୀ ମାନଙ୍କର...! ନୂତନ ଭାବରେ ଜୀବନ ଜୀଇଁବାର ସଙ୍କଳ୍ପ ନେଇ ମା ର ଯାତ୍ରା ଆରମ୍ଭ ହେଲା ।

ସାନ ଅଜା ଘରେ ମୁଁ ଏକା ହୋଇଯାଏ ଯେତେବେଳେ ମାମୁଁ ଏବଂ ସାନ ଅଜାଙ୍କ ଦୁଇଝିଅ ସ୍କୁଲକୁ ଚାଲି ଯାଆନ୍ତି । ମା 'କୁ ଝୁରି କେବଳ କାନ୍ଦୁଥାଏ । ମୋତେ ସମ୍ଭାଳିବାରେ ନୟାନ୍ତ ସାନ ଅଜା ଓ ଆଈ କେତେ ଯେ ହଇରାଣ ହେଉଥିଲେ ତାହା ସେମାନେ ହିଁ କେବଳ ଜାଣୁଥିଲେ । ଶେଷରେ ଅଜା ଭାବିଲେ ଯେ ମୋତେ ସ୍କୁଲ୍ ପଠାଇଦେଲେ ଅନ୍ତତଃ ଅନ୍ୟ ପିଲାମାନଙ୍କ ସହ ମିଶି ମୁଁ ସ୍ୱାଭାବିକ ହେବି । ତେଣୁ ମାଉସୀ ଦୁଇଜଣ ପଢୁଥିବା ସମ୍ବଲପୁରର ଆଶାପାଳି ପ୍ରାଥମିକ ବିଦ୍ୟାଳୟକୁ



ସ୍ୱର୍ଗତା ବନବାସିନୀ ଦାସ

ମୋତେ ନେଇ ଅଜା ଗଲେ । ମୋର ଯେହେତୁ ସ୍କୁଲରେ ନାମ ଲେଖାଇବାର ବୟସ ହୋଇନଥାଏ, ତେଣୁ ପ୍ରଧାନ ଶିକ୍ଷୟିତ୍ରୀ ନାମ ଲେଖାଇବା ପାଇଁ ସମ୍ମତ ହେଲେ ନାହିଁ । କିନ୍ତୁ ଅଜାଙ୍କ ପାଖରୁ ଆମର ଜୀବନ କାହାଣୀ ଶୁଣିବା ପରେ ସେ ମୋତେ ସ୍କୁଲରେ ରଖିବା ପାଇଁ ରାଜି ହେଲେ ।

ମୁଁ ସିନା ସ୍କୁଲ ଗଲି, କିନ୍ତୁ ସ୍କୁଲ୍‌ରେ ବି ସେହି ସମାନ ଅବସ୍ଥା । ଖାଲି କାନ୍ଦିବାକୁ ଲାଗିଲି । ଯେତେ ପ୍ରକାରର ଭୁଲାଇବା ପାଇଁ ଚେଷ୍ଟା କରି ମଧ ଶିକ୍ଷୟିତ୍ରୀମାନେ ମୋତେ ସ୍ୱାଭାବିକ ଅବସ୍ଥାକୁ ଆଣି ପାରିଲେ ନାହିଁ , ସେମାନେ ମୋତେ ସ୍କୁଲରେ ରଖିବା ପାଇଁ ଆଦୌ ସମ୍ମତ ହେଲେ ନାହିଁ । ସେତିକିବେଳେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମୋତେ କୋଳେଇ ନେଇ ମୋର ଦାୟିତ୍ୱ ନେଲେ । ମୋତେ କୋଳରେ ଧରି ବୁଲାଇ, ଗପ କହି , ତାଙ୍କ ରୁମ୍‌ରେ ବସାଇ ଖେଳାଇ ମୋତେ ସମ୍ଭାଳିବାକୁ ଲାଗିଲେ । ଦିପହରେ ତାଙ୍କ ରୁମ୍‌ରେ ତଳେ ଗୋଟିଏ ଗାମୁଛା ପାରି ମୋତେ ଆଦର କରି ଶୁଆଇ ଦେଉଥିଲେ । କେଇମାସ ପରେ ମୁଁ ଅନ୍ୟ ପିଲାମାନଙ୍କ ସହିତ ମିଶି ପଢ଼ିବା ଖେଳିବାକୁ ଲାଗିଲି । ଏମିତି ଦିନ ଯାଇନାହିଁ ଯେଉଁଦିନ ସେ ମୋତେ ଥରେ ହେଲେ ପାଖକୁ ଡାକି ଆଦର କରୁନଥିଲେ । ତାଙ୍କ ଭିତରେ ସତେ ଯେମିତି ମୁଁ ମୋ ମା'କୁ ପାଇ ଯାଇଥିଲି ।

ମୋର ଯେତେବେଳେ ଦ୍ୱିତୀୟ ଶ୍ରେଣୀ, ମା'ଙ୍କର ଟ୍ରେନିଂ ଶେଷ ହେଲା ।

ରମାଦେବୀଙ୍କ ସୁପାରିସରେ ସମ୍ବଲପୁର ଠାରୁ ନିକଟବର୍ତ୍ତୀ ଏକ ଗାଁ ଧନକଉଡ଼ାରେ ମା'ର ପୋଷ୍ଟିଂ ହେଲା । ଆଈ, ମାମୁଁ, ମୁଁ ଏବଂ ସାନଭାଇ ପୁଣି ମା ସହିତ ଏକାଠି ରହିବାର ସୁଯୋଗ ପାଇଲୁ, ତେବେ ଭଉଣୀଟି ଆଉ ନଥିଲା ଆମ ସାଥିରେ । ସେ ଚାଲି ଯାଇଥିଲା ଆରପାରିକୁ । କାଳେ ସେହି ଖବର ପାଇଲେ ମା ' ଟ୍ରେନିଂ ଅଧାରୁ ଫେରି ଆସିବ ଭାବି ମଉସା ମାଉସୀ କିମ୍ବା ସାନଅଜା ଭଉଣୀର ମୃତ୍ୟୁ ଖବର ତାକୁ ଜଣାଇନଥିଲେ ।

ମା'ର ପୋଷ୍ଟିଂ ହେବା ପରେ ମୋତେ ଆଶାପାଳି ସ୍କୁଲରୁ ନେଇ ଆସି ଧନକଉଡ଼ା ସ୍କୁଲରେ ନାମ ଲେଖାଇବା ପାଇଁ ଯେତେବେଳେ ମୋର ସ୍କୁଲ ଲିଭିଂ ସାର୍ଟିଫିକେଟ ଆଣିବା ପାଇଁ ମାଁ ଆଶାପାଳି ସ୍କୁଲକୁ ଗଲେ । ମୋତେ ଛାଡ଼ିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଆଦୌ ରାଜି ହେଲେ ନାହିଁ । ସତେ ଯେମିତି ମୋତେ ଛାଡ଼ି ସେ ଜୀଇଁ ପାରିବେ ନାହିଁ । ମୋତେ ଛାତିରେ ଜାବୁଡ଼ି ଧରିଥିଲେ, ଆଖିରୁ ତାଙ୍କର ଝରି ପଡୁଥିଲା ଲୁହ ।

ଧନକଉଡ଼ା ଠାରୁ ମୋତିଝରନ୍, ସାକ୍ଷୀପଡା ଦେଇ ଆଶାପାଳି ସ୍କୁଲର ଦୂରତା ପ୍ରାୟ ସାତ କିଲୋମିଟର ଆଉ ଭୁତାପଡା, ଜିଲ୍ଲାସ୍କୁଲ ଦେଇ ୧୨ କିଲୋମିଟର । ମୁଁ ଯଦି ଆଶାପାଳି ସ୍କୁଲରେ ପଢିବି ତାହାହେଲେ ଏତେ ବାଟ ଯିବା ଆସିବା କରିବି କେମିତି ? ସ୍ଥିର ହେଲା ଯେ ମାମୁଁ ଯେହେତୁ ଟାଉନ୍ ହାଇସ୍କୁଲରେ ପଢୁଥିଲେ ଏବଂ ଧନକଉଡାରୁ ଯିବା ଆସିବା କରୁଥିଲେ, ତେଣୁ ତାଙ୍କ ସାଙ୍ଗରେ ମୁଁ ଯିବା ଆସିବା କରିବି ।

ମୁଁ ରହିଗଲି ଆଶାପାଳି ସ୍କୁଲରେ । କିନ୍ତୁ କିଛିମାସ ପରେ ପୁଣି ଅସୁବିଧା ଦେଖାଦେଲା । ମାମୁଁଙ୍କର ଏଗାର କ୍ଲାସ୍, ବୋର୍ଡ ପରୀକ୍ଷା, ଟେଷ୍ଟ ପରୀକ୍ଷା ପରେ ଆଉ କ୍ଲାସ୍ ହେଲାନାହିଁ । ମୋର ଯିବାଆସିବା ନେଇ ଦ୍ୱନ୍ଦ ଉପୁଜିଲା । କିନ୍ତୁ ଈଶ୍ୱର ମଧ ଭଲପାଇବା ଆଗରେ ହାର୍ ମାନିବାକୁ ବାଧ ହୋଇଥାନ୍ତି । ସେତେବେଳେ ଧନକଉଡାରୁ ଆଶାପାଳିକୁ ପଢ଼ିବାକୁ ଆସୁଥିଲେ ଭୀମସେନ ଛତର, ଯିଏ ପରବର୍ତ୍ତୀ କାଳରେ ସମ୍ବଲପୁର ଜିଲ୍ଲାର ଜଣେ ଅସାଧାରଣ ଫୁଟବଲ ଖେଳାଳୀ ଭାବରେ ସୁନାମ ଅର୍ଜନ କରିଥିଲେ । ମୁଁ ଓ ଭୀମ ଚାଲି ଚାଲି ଧନକଉଡ଼ାରୁ ସ୍କୁଲ ଆସୁଥିଲୁ ଏବଂ ଘରକୁ ଫେରୁଥିଲୁ । ଜଣେ ସାଧାରଣ ଛାତ୍ର ଏବଂ ଜଣେ ଶିକ୍ଷୟିତ୍ରୀଙ୍କ ମମତାର ବନ୍ଧନ କେତେ ଶକ୍ତ ନ ହୋଇଥିଲେ ଏଭଳି କଣ ସମ୍ଭବ ହୁଏ .....!

ଆଶାପାଳି ସ୍କୁଲ ଛାଡ଼ିବା ପରେ ଜୀବନର ଗତିପଥ ବଦଳିଗଲା । ଆମେ ମା ସାଥିରେ ପଡିଆବାହାଲ ଚାଲି ଆସିଲୁ । ସ୍କୁଲ ଶେଷ ହେଲା । କଲେଜ ଓ ବିଶ୍ୱବିଦ୍ୟାଳୟର ପାଠ ବି ସରିଗଲା । ଚାକିରି ପାଇଁ ଦୂରରେ ରହିବାକୁ ପଡିଲା । ଅତୀତ ଘୋଡେଇ ହୋଇଗଲା ସମୟର ପରସ୍ତ ପରସ୍ତ ଧୂଳି ତଳେ । କୃତଘ୍ନ ମୁଁ କେବେ ଯାଇ ଆଉ ତାଙ୍କୁ ଭେଟିଲି ନାହିଁ ।

ଦୀର୍ଘ ବର୍ଷ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପନା କଲି କିନ୍ତୁ ମୁଁ କଣ ତାଙ୍କ ପରି ସମଗ୍ର ଚାକିରି କାଳ ଭିତରେ ଜଣେ ହେଲେ ମୋର ଛାତ୍ର କିମ୍ବା ଛାତ୍ରୀର ଅନ୍ତରର ରକ୍ତସ୍ରାବକୁ ନିରେଖି ଦେଖି ପାରିଲି ? ଜଣେ ହେଲେ ଛାତ୍ର କିମ୍ବା ଛାତ୍ରୀର ଲୁହକୁ ନିଜର ହାତ ପାପୁଲିରେ ପୋଛି ଦେଇ ପାରିଲି ? ଯେଉଁଦିନ ଚାକିରିରୁ ଅବସର ଗ୍ରହଣ କଲି ସେଦିନ ହିଁ ମୁଁ କାହିଁକି କେଜାଣି କେବଳ ଝୁରି ହେଲି ମୋତେ ଜନ୍ମ ଦେଇନଥିବା ଅଥଚ ମା'ର ମମତା ଓ ଆଦର ଦେଇ ଜୀଆଁଇ ରଖିଥିବା ସେହି ମା'ଙ୍କୁ ।

ସମ୍ବଲପୁର ଯାଇ ଆଶାପାଳି ସ୍କୁଲରେ ଯେତେବେଳେ ତାଙ୍କ ବିଷୟରେ ପଚାରିଲି, କାର୍ଯ୍ୟରତ ଶିକ୍ଷକମାନେ ବିଶେଷ କିଛି କହିପାରିଲେ ନାହିଁ । କେବଳ ଜଣଙ୍କ ପାଖରୁ ଜାଣିବାକୁ ପାଇଲି ଯେ ସେ ଆଉ ନାହାଁନ୍ତି ବୋଲି ।

ସେଦିନ ରାତିରେ ସତେ ଯେମିତି ମୁଁ ମୋ ମା'କୁ ହରାଇଛି, ଠିକ୍ ସେହିପରି ଅନୁଭବ କରି ଗୁମୁରି ଗୁମୁରି କାନ୍ଦିଲି । ନିଜକୁ ନିଜେ କ୍ଷମା କରି ପାରିଲି ନାହିଁ । ତାଙ୍କର ଅନାବିଳ ସ୍ନେହ ମମତାର କି ପ୍ରତିଦାନ ଦେଇଛି ମୁଁ ... ? ସତରେ କେମିତି ମୁଁ ଏତେ ସ୍ୱାର୍ଥରେ ଓ କୃତଘ୍ନ ହୋଇ ପାରିଲି ଯେ... ! ଅପରାଧବୋଧ ମୋତେ ଭିତରେ ଭିତରେ ସେକୋରି କୋରି ଖାଇବାକୁ ଲାଗିଲା ।

ତଥାପି ମା ତ ଚିରକାଳ ମା.....

ମୁଁ ଯେତେ ଯେତେ ଅପରାଧବୋଧରେ କ୍ଷୟ ହୋଇ ବସୁଥିଲି ସେତେ ସେତେ ସେ ମୋ ସ୍ୱପ୍ନରେ ଆସି ମୋ ମୁଣ୍ଡଟା କୋଳକୁ ଟେକି ନେଇ ପରମ ଆଦରରେ ଆଉଁସି ଦେଉଥିଲେ ।

ଏବେ କିଛିଦିନ ହେଲା ଆମ ରାଜ୍ୟର ଶିକ୍ଷାୟତନ ଗୁଡିକର ବାୟୁମଣ୍ଡଳ ଯେତେବେଳେ ପ୍ରବଳ ଭାବରେ ବିଷାକ୍ତ ହୋଇ ଉଠୁଛି, ସେତେବେଳେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସମ୍ପର୍କକୁ ନେଇ ମୁଁ ଅତ୍ୟଧିକ ଭାବପ୍ରବଣ ହୋଇ ପଡୁଛି ଏବଂ ବାରମ୍ବାର ତାଙ୍କୁ ସ୍ୱପ୍ନରେ ଦେଖୁଛି ।

ତାଙ୍କର ତ ଫଟୋଟିଏ ବି ମୋ ପାଖରେ ନାହିଁ । ହଠାତ୍ ଏବେ ଦିନେ ମୋର ମନେ ପଡ଼ିଗଲା ଯେ KISS Universityର Vice-Chancellor ମୋର ସହପାଠୀ ବନ୍ଧୁ ପ୍ରଫେସର Deepak Kumar Beheraଙ୍କ ଘର ପାଖରେ ସେ ରହୁଥିଲେ । ଦୀପକଙ୍କୁ ଅନୁରୋଧ କଲି ତାଙ୍କର ଫଟୋଟିଏ ସଂଗ୍ରହ କରି ମୋତେ ପଠାଇବା ପାଇଁ । ଦୀପକ ମୋର ଅନୁରୋଧ ରକ୍ଷାକରି ତାଙ୍କର ଫଟୋଟିଏ ପଠାଇ ଦେଇଛନ୍ତି । ଦୀପକଙ୍କ ପାଖରେ ମୁଁ କୃତଜ୍ଞ ।

ସମ୍ବଲପୁରରେ 'ବଡ ନାନୀ' ଭାବରେ ପରିଚିତା ସମ୍ବଲପୁର ଆଶାପାଳି ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଭିନ୍ନ ଜଣେ ଯଶୋଦା ମା ସ୍ୱର୍ଗତା ବନବାସିନୀ ଦାସଙ୍କୁ ଆଜି ମୋର ଅଶ୍ରୁ ଦେଇ ତର୍ପଣ କରୁଛି ।


ସମ୍ପର୍କ: ୯୪୩୭୫୩୪୭୭୩


## ଗୁରୁ ଦିବସ ଓ ଭାରତୀୟ ଗୁରୁ ଶିଷ୍ୟ ପରମ୍ପରା

**ଡଃ.ଅରୁନ୍ଧତୀ ଦେବୀ**

ଜ୍ଞାନପ୍ରାପ୍ତି ନିମନ୍ତେ ଶିଷ୍ୟମାନେ ଗୁରୁକୂଳରେ ରହି ପାଠ ପଢୁଥିଲେ ପ୍ରାଚୀନ କାଳରେ । ଶିକ୍ଷାଦାନ କରିବା ଗୁରୁଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସେ ଯୁଗର ଗୁରୁମାନେ ଅର୍ଥ ପାଇଁ ନୁହେଁ ବରଂ ଶିକ୍ଷାଦାନ ଦ୍ୱାରା ଏକ ସାମାଜିକ ଦାୟିତ୍ୱ ତୁଲାଉଥିଲେ । ଶିଷ୍ୟମାନେ ଗଭୀର ଭକ୍ତି ଏବଂ ମନଯୋଗ ସହ ଶିକ୍ଷାଲାଭ କରୁଥିଲେ । ଖ୍ରୀଷ୍ଟପୂର୍ବ ୨୦୦୦ରେ ଭାରତରେ ଗୁରୁକୁଳ ଶିକ୍ଷା ପ୍ରଚଳିତ ଥିଲା । ଗୁରୁମାନେ ଶିକ୍ଷା ଦେଉଥିଲେ ତୁଣ୍ଡରେ । ଶିଷ୍ୟମାନେ ଶୁଣି ଶୁଣି ମନେରଖୁଥିଲେ ତାକୁ । 'ଉପନିଷଦ୍' ଶବ୍ଦଟି 'ଉପ', 'ନି' ଏବଂ 'ସଦ' ଶବ୍ଦର ସମାହାର ଯାହାର ଅର୍ଥ ହେଲା ନିକଟରେ ବସିବା । ଅର୍ଥାତ୍ ଗୁରୁକୁଳରେ ଗୁରୁଙ୍କ ସମୀପରେ ବସିରହି ଶିଷ୍ୟମାନେ ଶୁଣୁଥିଲେ ତାଙ୍କର ତୁଣ୍ଡରୁ ଶାସ୍ତ୍ର ବୋଧଗମ୍ୟ ଭାଷାରେ । ଅତ୍ୟନ୍ତ ପବିତ୍ର ପରିବେଶରେ କିଛି ପାଇବାର ଆଶା ନ ରଖି ଶିକ୍ଷାଦାନ କରୁଥିଲେ ସେମାନେ । ଦକ୍ଷିଣା ଦାବି କରିବା ଗୁରୁଙ୍କର ଅଧିକାର ଥିଲେ ହେଁ କୌଣସି ଗୁରୁ ସେଭଳି କିଛି ଦାବି କରୁଥିବା ଜଣାଯାଏ ନାହିଁ । ଏହାଥିଲା ପ୍ରତୀକାତ୍ମକ । ଫଳଟାଏ ଭଳି ସାଧାରଣ ତୁଚ୍ଛ



ଜିନିଷ ମାତ୍ର ସେମାନେ ମାଗୁଥିଲେ ଦକ୍ଷିଣା ବାବଦକୁ । ଏଭଳି ପବିତ୍ର ଗୁରୁକୁଳ ପରମ୍ପରା ବହୁ କାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା ଭାରତବର୍ଷରେ ।

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା । ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ । ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ । ୧୯୪୯ରେ ସେ ସୋଭିଏତ୍ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ । ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦


## ଗୁରୁ, ସାମ୍ପ୍ରଦାୟିକତା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମର ଏକାନ୍ତ ଗନ୍ତବ୍ୟ ହେଲା - ଈଶ୍ୱରପ୍ରାପ୍ତି, ଧାରଣ-ପାଳନ-ସମ୍ବେଗ-ସିଦ୍ଧ ବ୍ୟକ୍ତିତ୍ୱ, ତାର ଉପାୟ ହେଉଛି ଆଚାର୍ଯ୍ୟଙ୍କ ଠାରେ ସକ୍ରିୟ ଅନୁରତି, ତା'ଠାରୁ ଆସେ - ଆତ୍ମନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ସମାଜ ନିୟନ୍ତ୍ରଣ ଓ ରାଷ୍ଟ୍ର ନିୟନ୍ତ୍ରଣ । ଆଉ ଏଇ ରାଷ୍ଟ୍ର ନିୟନ୍ତ୍ରଣର ଭିତର ଦେଇ ସାରା ବିଶ୍ୱର ସଙ୍ଗେ ଯୋଗସୂତ୍ର ରଚନା କରି ସବୁଟାକୁ ନେଇ ବିବର୍ଦ୍ଧନର ଦିଗରେ ଆଗେଇ ଚାଲିବା । ଆଉ ଏଇ ସବୁଗୁଡ଼ିକୁ ସାର୍ଥକ କରି ତୋଳିବା ଈଶ୍ୱରଙ୍କ ଠାରେ, ଆଉ ପ୍ରାପ୍ତିର ପରମ ବେଦନା ଏହା । ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥା ପ୍ରସଙ୍ଗରେ କହିଲେ - ଯାହା ବି କରିବାକୁ ଯାଅ, ମୂଳରେ ଥିବା ଦରକାର ଗୁରୁଭକ୍ତି । ତହିଁରେ ପ୍ରବୃତ୍ତି କବ୍‌ଜାରେ ଥାଏ, ସେବାବୃତ୍ତି ପ୍ରଖର ହୋଇଉଠେ, ଏବଂ କାର୍ଯ୍ୟଟା ନିଖୁଣ ହୁଏ । ଏହି ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ ବୋଲି କୁହାଯାଏ । ଇଷ୍ଟମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ହିଁ ମଣିଷର ମଙ୍ଗଳ ଆସେ । ଆଉ ଏଇ ଅନୁସରଣର ପନ୍ଥା ହିଁ ହେଉଛି ଯଜନ, ଯାଜନ ଓ ଇଷ୍ଟଭୃତି । ଇଷ୍ଟ ହେଲେ ଗୁରୁ, ସଦ୍‌ଗୁରୁ ଓ ଆଚାର୍ଯ୍ୟ, ଯିଏ ଆଚରଣ କରି ଜାଣିଛନ୍ତି । ତାହା ନକରି ଯାହାଙ୍କୁ ତାହାଙ୍କୁ ଗୁରୁ କହିଲେ ହୁଏନାହିଁ । ଗୁରୁ ଗ୍ରହଣ କରିବାର ପ୍ରଥା ଆମ୍ଭମାନଙ୍କର ଅଛି । ଏହି ପ୍ରଥା ବର୍ତ୍ତମାନ କୁଳଗୁରୁ ଗ୍ରହଣର ଭିତର ଦେଇ ଚାଲିଛି । କିନ୍ତୁ କୁଳଗୁରୁଙ୍କ ପାଖରୁ ଦୀକ୍ଷାଟା ଶେଷ ନୁହେଁ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ଏକାନ୍ତ ଆବଶ୍ୟକ । ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟଗ୍ରହଣ । ଏହି ଆଚାର୍ଯ୍ୟ ହେଲେ ଲିଭିଙ୍ଗ ଟିଚର୍ ବା ଜୀବନ୍ତ ଦିଶାରୀ । ସେ ହେଲେ ମୂର୍ତ୍ତ ନିଷ୍ଠା, ତାଙ୍କ ପ୍ରତି ଯଦି ନିଷ୍ଠା ଓ ଆନୁଗତ୍ୟ ନଥାଏ, ତେବେ ତୁମେ ନିଜର ସମସ୍ତ ବୃଦ୍ଧି ପ୍ରୟୋଗ କରି ମଧ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚିପାରିବ ନାହିଁ । ଅବତାର, ସଦ୍‌ଗୁରୁ ବା ମହାପୁରୁଷ ମାନେ କ'ଣ ? ଉତ୍ତରରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଅବତାରମାନେ ସଦ୍‌ଗୁରୁ, ଯିଏ ପ୍ରବୃତ୍ତି - ପରାୟଣତାର ଉର୍ଦ୍ଧ୍ୱ ଲୋକରୁ ଆସନ୍ତି ଏବଂ ବଞ୍ଚିବା - ବଢ଼ିବାର ବିଧି ଜଣାଇଦିଅନ୍ତି । ମହାପୁରୁଷମାନେ ମହାପୂରଣକାରୀ । ସଦ୍‌ଗୁରୁଙ୍କର ଲକ୍ଷଣ ହେଲା - ତାଙ୍କର ବହିଃ ପ୍ରକାଶରେ ଏହା ଦେଖାଯାଏ, ସେ ଅଚ୍ୟୁତ ଅନୁରାଗ - ସମ୍ପନ୍ନ, ଜାକଜମକରେ ମଧ ବି ସରଳ, ସ୍ୱାଭାବିକ ଭାବେ ସ୍ୱାଭାବିକ ଓ ମହାଜ୍ଞାନୀ ହୋଇ ମଧ ସହଜ ଓ ନିରାଡ଼ମ୍ବର । ଜୀବନରେ ଗୁରୁ ନ ରହିଲେ ମଣିଷର ସମତା ଠିକ୍ ରହେନି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଗୁରୁମାନେ ହିଁ ସଦ୍‌ଗୁରୁ - ଆଚାର୍ଯ୍ୟ । ସଦ୍‌ଗୁରୁ ବା ଗୁରୁ - ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତି - ବିଗ୍ରହ, ସେ ହିଁ ରୂପାୟିତ ଈଶ୍ୱର - ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି-ବୃଦ୍ଧିର ପରମ ଅମୃତପଥ । ଦୁନିଆରେ ଯେତେ ଦ୍ୱନ୍ଦ ମଧରେ ଅନ୍ୱୟୀ ସାର୍ଥକତାର ସାର-କେନ୍ଦ୍ର ସେ ହିଁ । ତାଙ୍କୁ ଭଲ ପାଏ, ତାଙ୍କ ଇଚ୍ଛା ପରିପୂରଣ କରେ, ତଦନୁଗ ଆତ୍ମନିୟନ୍ତ୍ରଣରେ, ତାଙ୍କର ସଙ୍ଗ, ସାହଚର୍ଯ୍ୟ ଓ ସେବା ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭ କରି ଧନ୍ୟ ହୁଏ ।

ତେବେ ପ୍ରଶ୍ନ ଉଠେ - ସବୁ ଅବତାର ଓ ଗୁରୁ - ପୁରୁଷୋତ୍ତମ କ'ଣ ସମାନ ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସକଳ ହିଁ ପୂର୍ଣ୍ଣ, ସମସ୍ତେ ବରିଷ୍ଠ, ବଡ଼ କଥାର ମଧରେ ରହିଛି ପରିପୂରଣ । ଯେତେବେଳେ ଯେପରି ପ୍ରୟୋଜନ, ସେତେବେଳେ ସେପରି ଆବିର୍ଭାବ - ଯୁଗ ପ୍ରୟୋଜନ ପରିପୂରଣ ପାଇଁ । ଯୁଗେ - ଯୁଗେ ସେଇ ଜଣେ ହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧରେ ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତ । ବିବର୍ତ୍ତନର ଧାରା ଏଇ ଭାବରେ ଆଗେଇ ଚାଲିଛି । ତେଣୁ ଜଣଙ୍କୁ ଛୋଟ କରି ଆଉ ଜଣଙ୍କୁ ବଡ଼ କରିବାର ପ୍ରଚେଷ୍ଟା ଭଲ ନୁହେଁ । ଶ୍ରୀକୃଷ୍ଣଙ୍କ ମଧରେ ରାମଚନ୍ଦ୍ରଙ୍କୁ ଦେଖେନି - ବୁଦ୍ଧଦେବଙ୍କ ମଧରେ ଶ୍ରୀକୃଷ୍ଣଙ୍କୁ ଖୋଜି ଦେଖେନି - ଏହା ହିଁ ଦୋଷ । ବର୍ତ୍ତମାନ ମଧରେ ପୂର୍ବତନଙ୍କୁ ଖୋଜି ଦେଖିବାର ବୁଦ୍ଧି ଯଦି ଆମ୍ଭମାନଙ୍କର ଥାଏ, ତା'ହେଲେ ବର୍ତ୍ତମାନଙ୍କ ମଧରେ ପୂର୍ବତନ ପ୍ରତ୍ୟେକଙ୍କୁ ଆମେ ପାଇପାରିବା ଏବଂ ତାଙ୍କୁ କେନ୍ଦ୍ର କରି ସମଗ୍ର ମାନବ-ସମାଜ ଐକ୍ୟବଦ୍ଧ ହୋଇ ଉଠିପାରିବ - ପ୍ରତ୍ୟେକ ସ୍ୱ-ସ୍ୱ ବୈଶିଷ୍ଟ୍ୟରେ ଅକ୍ଷୁର୍ଣ୍ଣ ଥାଇ । ସ ପୂର୍ବେଷାମପି ଗୁରୁଃ କାଲୋନାନବଚ୍ଛେଦାତ୍, ଆପଣଙ୍କ ମଧରେ ଆପଣଙ୍କ ବାପା ଅଛନ୍ତି, ଜେଜେବାପା ଅଛନ୍ତି - ସେଇମାନଙ୍କ ହିଁ ବିବର୍ତ୍ତିତ ରୂପ ଆପଣ । ପରବର୍ତ୍ତୀ ମଧ ସେହିପରି ପୂର୍ବବର୍ତ୍ତୀର ବିବର୍ତ୍ତିତ ରୂପ । ଆଜିକାର ଦିନରେ ତେଣୁ ପୂର୍ବବର୍ତ୍ତୀ କୌଣସି ଅବତାର - ମହାପୁରୁଷଙ୍କୁ ଯଦି ବୁଝିବାକୁ ଚାହୁଁ ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥାଆନ୍ତି, ତାଙ୍କ ମଧ ଦେଇ ହିଁ ବୁଝିପାରିବା, ନଚେତ୍ ତାଙ୍କ ମର୍ମ କେନ୍ଦ୍ରର ସନ୍ଧାନ ପାଇବାନାହିଁ । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, ମୁଁ ହିଁ ଆଲୋକ, ମୁଁ ହିଁ ପଥ, ମୋତେ ବାଦ ଦେଇ ପିତାଙ୍କ ପାଖକୁ କେହି ଯାଇପାରିବେ ନାହିଁ । ଜଣେ ପ୍ରଶ୍ନ କରିଲେ - ଗୁରୁଙ୍କୁ ନେଇ ଆମର ଚଳିବା ଦରକାର କ'ଣ ଏବଂ ଗୁରୁ କ'ଣ ଆମକୁ ସ୍ୱୟଂସମ୍ପୂର୍ଣ୍ଣ କରି ତୋଳି ପାରିବେ ? ଯୁଗପୁରୁଷୋତ୍ତମ କୁଳମାଳିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ କଣ୍ଠରେ କହିଲେ - ଗୁରୁଙ୍କ ଉପରେ ଯଦି ଆମର ନିଷ୍ଠା ଥାଏ ଓ ତାଙ୍କର ନିର୍ଦ୍ଦେଶଗୁଡ଼ିକ ଯଦି ଠିକ୍ ଠିକ୍ କାର୍ଯ୍ୟରେ ଫୁଟେଇ ତୋଳୁ, ତାହେଲେ ଏହା ଭିତର ଦେଇ ଆମର ଅଭିଜ୍ଞତା ବଢ଼େ, ଆମେ ଶିକ୍ଷିତ ହୋଇ ଉଠୁ । ଜୀବନର ଆରମ୍ଭରେ, ମଧରେ ଓ ଶେଷରେ ସବୁ ଅବସ୍ଥାରେ ଯାହା ଦରକାର ତାହା ହେଉଛି ଏହି ଇଷ୍ଟପ୍ରାଣତା ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଗୁରୁ ଦିବସ ଓ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

### ବିଶ୍ୱବିଜୟୀ ଦାଶ

ଭାରତବର୍ଷରେ ଗୁରୁଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଗୁରୁଙ୍କର ସଂଜ୍ଞା ନିରୂପଣ କରାଯାଇ ଯଥାର୍ଥରେ କୁହାଯାଇଛି ଯେ-

"ଗୁକାରୋନ୍ଧକାରସ୍ତୁ ଗୁକାରସ୍ତନ୍ନବର୍ତ୍ତକଃ
ଅନ୍ଧକାର ନିବୃତ୍ୟାକୁ
ଚାରୁରିତ୍ୟଭିଧୀୟତେ ।"

ଅର୍ଥାତ୍ 'ଗୁ' ଅର୍ଥ ଅନ୍ଧକାର, 'ରୁ' ଅର୍ଥ ଅଜ୍ଞାନ। ଛାତ୍ରଛାତ୍ରୀମାନଙ୍କର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନରୂପକ ଆଲୋକକୁ ପ୍ରଦାନ କରିବାରେ ଶିକ୍ଷକମାନେ ସମର୍ଥ ହୋଇଥିବାରୁ ତାଙ୍କୁ 'ଗୁରୁ' ଆଖ୍ୟା ପ୍ରଦାନ କରାଯାଇଛି ।

ପୁନଶ୍ଚ :-

"ଗୁରୁର୍ବହ୍ମା ଗୁରୁର୍ବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରୁବେ
ନମଃ ।"

ଅର୍ଥାତ୍ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ।ସେ ମଧ ପରଂବ୍ରହ୍ମ ସଦୃଶ ପ୍ରତୀୟମାନ ହୋଇଥା'ନ୍ତି । ଏଣୁ ଗୁରୁଙ୍କୁ କୋଟି ନମସ୍କାର ସର୍ବାଦୌ କରଣୀୟ । ମୁଖ୍ୟତଃ ଗୁରୁ ହେଉଛନ୍ତି ଦେବତା ସମାନ । ତାଙ୍କରି ଶୁଭାଶିଷ ଲାଭ କରି ଶିଷ୍ୟ ପ୍ରକୃତ ମନୁଷ୍ୟତା ଲାଭ କରିଥାଏ । ଗୁରୁକୃପା ହିଁ ଛାତ୍ର-ଛାତ୍ରୀଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଦେଇଥାଏ ।ଏଣୁ ଗୁରୁଭକ୍ତି ଛାତ୍ରଛାତ୍ରୀଙ୍କର ଭୂଷଣ ହେବା ଦରକାର । ଅପରପକ୍ଷରେ ଗୁରୁଙ୍କର ଶୁଭଦୃଷ୍ଟି ଛାତ୍ରଙ୍କ ଉପରେ ପଡ଼ିବା ଆବଶ୍ୟକ ।ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଉଛି ।ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି ।

ଡକ୍ଟର ରାଧାକ୍ରିଷ୍ଣନ ଏକାଧାରରେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, ଭାରତ ବର୍ଷର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ ।

୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଚ୍ଚନୀଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ । ରାଧାକ୍ରିଷ୍ଣନଙ୍କ ଶୈଶବ ତିରୁଚ୍ଚନୀ ଓ ତିରୁପତିରେ କଟିଥିଲା । ଖ୍ରୀଷ୍ଟିଆନ୍ ମିସନାରୀ ସ୍କୁଲରୁ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ଉଚ୍ଚ ଶିକ୍ଷା ପରେ, ୧୯୦୯ରେ ରାଧାକ୍ରିଷ୍ଣନଙ୍କୁ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ରାଧାକ୍ରିଷ୍ଣନ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ରାଧାକ୍ରିଷ୍ଣନ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କଲିକତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାଡ୍ ବିଶ୍ୱବିଦ୍ୟାଳୟ, ମାଂଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ



ନିୟୋଜିତ ହୋଇଥିଲେ । ୧୯୪୯ରେ ସୋଭିଏତ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ ଏବଂ ୧୯୫୪ରେ ତାଙ୍କୁ ମିଳିଥିଲା ସମ୍ମାନଜନକ ଭାରତ ରତ୍ନ । ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା ।ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ ।ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି ।ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ' ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ ଜଣେ' ।ଗୁରୁ ଓ ରାସ୍ତା ଏକାପରି ।ସେମାନେ ଗୋଟିଏ ଜାଗାରେ ଥିବେ,କିନ୍ତୁ

ଆଗକୁ ବଢିବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା । ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ ।କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନଥାଏ । ଗୁରୁ ହିଁ ପ୍ରେରଣାର ଉତ୍ସ । ଯେତେବେଳେ ଆମେ ଜନ୍ମ ନେଉ, ସର୍ବପ୍ରଥମେ ଆମେ ନିଜ ପିତାମାତାଙ୍କଠାରୁ ଜୀବନର ପ୍ରାରମ୍ଭିକ ଶିକ୍ଷା ମିଳେ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ଶିଶୁଟି ଧରା ଛୁଇଁବା ପରେ ତାକୁ ତା ମାଆ କୋଳେଇ ନିଏ, ତାର ଅଳି-ଅର୍ଦ୍ଦଳି ସବୁ ସହେ । କେମିତି ଚାଲିବ, କେମିତି ଖାଇବ, କେମିତି କଥା କହିବ, କେମିତି ବସିବ ପରି ଅନେକ ଶିଷ୍ଟାଚାର କଥା, ସମାଜରେ ଅନୁରୂପ ବଞ୍ଚିବାର କଳା ଶିଖେଇଥାଆନ୍ତି ପିତା-ମାତା । ବ୍ୟବହାର, ଶୈଳୀ, ଶିଷ୍ଟାଚାର, ଭଦ୍ରାମୀ କ'ଣ ତାହା ଉଭୟ ବାପା-ମାଆ ହିଁ ଶିଶୁଟିକୁ ଜଣାଇଥାଆନ୍ତି । ତେଣୁ ଉଭୟ ତାର ପ୍ରଥମ ଗୁରୁ । ଜଣେ ଶିକ୍ଷକଙ୍କୁ ଯେମିତି ସମ୍ମାନ ଦିଆଯାଏ, ଠିକ୍ ସେହିଭଳି ନିଜ ବାପା-ମାଆଙ୍କୁ ମଧ ସମ୍ମାନ ଦେବା ଉଚିତ୍ । ଯିଏ ନିଜ ବାପା-ମାଆଙ୍କୁ ସମ୍ମାନ ଦେଇ ଜାଣେନା, ସେ କାହାକୁ ସମ୍ମାନ କରିବା ଶିଖି ପାରେନା । କାରଣ ଉଭୟ ନଥିଲେ ଜଣେ ଶିଶୁର ଭବିଷ୍ୟତ କେବେ ବି ଉତ୍ତମ ରୂପେ ଗଢା ହୋଇପାରିବ ନାହିଁ । ପିତାମାତାଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି, ସେ ହେଉଛନ୍ତି ଶିକ୍ଷା ଗୁରୁ । ଯିଏ ଆମକୁ ଶିକ୍ଷା ଦାନ କରନ୍ତି ତାଙ୍କ ସ୍ଥାନ ବି ଅପୂରଣୀୟ । ପିଲାର ସମ୍ପୂର୍ଣ୍ଣ ଭବିଷ୍ୟତ ନ୍ୟସ୍ତ ଥାଏ ଜଣେ ଶିକ୍ଷକଙ୍କ ଉପରେ । ପିଲାଟି ଯେବେ ଖଡି ଧରିବା ଆରମ୍ଭ କରିଥାଏ, ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ? ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା ।

ମୋ ଜୀବନର ପ୍ରତ୍ୟେକ ଟି ପାହାଚରେ ଶିକ୍ଷା ଦେଇ ଆସିଥିବା ସମସ୍ତ ଗୁରୁଙ୍କୁ ପବିତ୍ର ଗୁରୁ ଦିବସ ଉପଲକ୍ଷେ ମୋର ପ୍ରଣାମ ।


+ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


## ଭାରତୀୟ ସଂସ୍କୃତିରେ ଗୁରୁ ପୂଜନ

### ଡକ୍ଟର ଲକ୍ଷ୍ମଣ ସାହୁ

'ଗୁରୁ ଗୋବିନ୍ଦ ଦୌଉ ଖଡ଼େ,
କାକେ ଲାଗୁଁ ପାବ
ବାଲିହାରୀ ଗୁରୁ ଆପନେ,
ଗୋବିନ୍ଦ ଦିୟୋ ବତାୟ ।'

ଏହାର ଅର୍ଥ ଗୁରୁ ଓ ସ ଈଶ୍ୱର ଏକା ସହିତ ଛିଡା ହୋଇଥିବାବେଳେ ମନରେ ସ୍ୱତଃ ପ୍ରବୃତ ଭାବେ ଦ୍ୱନ୍ଦ୍ୱ ଉପୃନ୍ନ ହୁଏ ଯେ, କାହା ପାଦ ପ୍ରଥମେ ସ୍ୱର୍ଶ କରିବା ଉଚିତ୍ ? ଏ ନେଇ ଈଶ୍ୱର ନିଜେ ହିଁ ଉତ୍ତର ଦିଅନ୍ତି , ଗୁରୁ ହିଁ ଭଗବାନଙ୍କ ନିକଟରେ ପହଞ୍ଚିବାର ମାର୍ଗ । ସେଥିପାଇଁ ସର୍ବ ପ୍ରଥମେ ଗୁରୁଙ୍କ ଚରଣ ସ୍ୱର୍ଶ କରିବା ଉଚିତ୍। ଆଜି ସେହି ଗୁରୁଙ୍କ ଦିନ । ଗୁରୁଙ୍କର କେବେ କେବେ ଆକଟ ଭରା କଠୋର ଅନୁଶାସନ , ପୁଣି କେବେ ସେ ଉତ୍ସାହପ୍ରଦ ପ୍ରେରଣାର ମହାମନ୍ତ୍ର । ସାଧାରଣ ଛାତ୍ରଟିକୁ ଅସାଧାରଣ କରିବାର ଶକ୍ତି । ପାଠରୁ ପ୍ରତିଭା ସବୁଥିରେ ଦୀପ୍ତିମନ୍ତ କରିବା ପାଇଁ ଆବଶ୍ୟକ ତାଙ୍କ ଅନ୍ତମନର ଆଶୀର୍ବାଦ । ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦେଇଛି ଅକଳନ ପ୍ରସିଦ୍ଧି ।

ଭାରତ ଧର୍ମ ଓ ଦର୍ଶନର ଦେଶ, ପ୍ରେମ ଓ ପବିତ୍ରତାର ଦେଶ । ତ୍ୟାଗ ଓ ସେବାର ମହାନ୍ ଦେଶ । ଭାରତବର୍ଷର ଗୁରୁ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ । ଆମ ଶାସ୍ତ୍ର ଓ ପରମ୍ପରାରେ ଗୁରୁଙ୍କ ପୂଜନ ପ୍ରଚଳିତ ହୋଇ ଆସୁଛି । ଅତି ପ୍ରାଚୀନ କାଳରୁ ଭାରତୀୟମାନଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା କଳନା କରିବା ଅସମ୍ଭବ । ଗୁରୁ ବ୍ରହ୍ମା ରୂପରେ ଶିଷ୍ୟଙ୍କ ସୃଜନୀ ଶକ୍ତିର ବିକାଶ କରି ଶିଷ୍ୟକୁ ନବଜନ୍ମ ପ୍ରଦାନ କରନ୍ତି, ବିଷ୍ଣୁ ରୂପରେ ସ୍ନେହପୂର୍ଣ୍ଣ ଶିକ୍ଷାଦାନକରି ଶିଷ୍ୟମାନଙ୍କୁ ପରିପାଳନ କରନ୍ତି ଓ ମହେଶ୍ୱରଙ୍କ ରୂପରେ ଶିଷ୍ୟମାନଙ୍କର ଦୁର୍ଗୁଣକୁ ବିନାଶ କରି ସୁଗୁଣର ପରିପ୍ରକାଶ କରନ୍ତି । କୁହାଯାଏ -

' ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର/ ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ' ।

'ଗୁରୁ' ଏକ ପରମ ପବିତ୍ର ଶବ୍ଦ । ଗୁରୁ, ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାଇଥାନ୍ତି । ଯାହାଙ୍କ ପ୍ରଦତ୍ତ ଜ୍ଞାନର ଦାନରେ ସାଧାରଣ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିବାରେ ସହଜ ହୁଏ । ଉତ୍ସାହପ୍ରଦ ପ୍ରେରଣା ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ । ଶିକ୍ଷା କ୍ଷେତ୍ରରେ ପାଠ ହେଉ କି ସଙ୍ଗୀତ , ଖେଳ ହେଉ କି ନୃତ୍ୟ, ବାଦ୍ୟ ହେଉ କି ବକ୍ତୃତା, ପ୍ରତିଟି କ୍ଷେତ୍ରରେ ତାଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦିଏ ଅଜସ୍ର ଖ୍ୟାତି, ଯଶ, ପ୍ରସିଦ୍ଧି । ସେ ହେଉଛନ୍ତି ସାକ୍ଷାତ ପରମବ୍ରହ୍ମ । ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିରୁ କୁହାଯାଇଛି, ଯେପରି କ୍ଷୀର ବିନା ଗାଈ, ଫୁଲବିନା ଲତା, ଚରିତ୍ର ବିନା ସ୍ତ୍ରୀ, ପଦ୍ମବିନା ଜଳ, ଶାନ୍ତି ବିନା ବିଦ୍ୟା, ଅଧିବାସୀ ବିନା ନଗର ଶୋଭାପାଏ ନାହିଁ, ସେହିପରି ଗୁରୁ ବିନା ଶିଷ୍ୟର କୌଣସି ସ୍ଥିତି ନାହିଁ । ଭାଗବତରେ କୁହାଯାଇଛି, ଗୁରୁ ସାଧାରଣ ମଣିଷ ନୁହଁନ୍ତି । ଗୁରୁଙ୍କ ଆଶୀର୍ବାଦ ଲାଭ କରି ଗୁରୁଙ୍କ ଚରଣରେ ସମର୍ପିତ ହେଲେ, ଶିଷ୍ୟ ଅଶେଷ ସମ୍ମାନର ଅଧିକାରୀ ହୁଏ । ଗୁରୁଙ୍କ ପଦାରବିନ୍ଦରେ ଶିଷ୍ୟ ନିରନ୍ତର ଅନନ୍ୟ ଶରଣାଗତ ଭାବ ପୋଷଣ କରିଥାଏ । ଶିଷ୍ୟର ଜ୍ଞାନ ଚ଼ରିତ୍ର ଓ ଶରଣାଗତ ଭାବକୁ ନିରୀକ୍ଷଣ କରି ଜ୍ଞାନଗର୍ଭତତ୍ତ୍ୱଦର୍ଶୀ ଗୁରୁ ଶିଷ୍ୟକୁ କୃପା ପ୍ରଦାନ କରିଥାନ୍ତି ।

ଗୁରୁ ଏକାଧାରରେ ଶିଷ୍ୟପାଇଁ ବହୁ ଭୂମିକାର ପ୍ରତୀକ। ଯଦିଓ ପିତାମାତା ଆମର ପ୍ରଥମ ଗୁରୁ । କିନ୍ତୁ ବାପା ମା'ଙ୍କଠାରୁ ଅଧିକ ଶିକ୍ଷା ଦୀକ୍ଷା ଗୁରୁ ପ୍ରଦାନ କରନ୍ତି । ପିଲାଟି ମାଟି ପିଣ୍ଡୁଳା ପରି । ଗୁରୁ ତା'ର ସଂସ୍କାରକୁ ଧରି ରୂପ ଦିଅନ୍ତି । ଗୁରୁ ନିଜର ଅସୀମ ଭଲପାଇବା ଯୋଗୁଁ ଶିଷ୍ୟର ଚରିତ୍ର ଗଠନ କରିଥାନ୍ତି । ଗୁରୁ ଜାଣିପାରନ୍ତି ଶିଷ୍ୟର ମନ । ତେଣୁ ସେ ଦକ୍ଷ ମନୋବିଜ୍ଞାନୀ ଅଟନ୍ତି । ଗୁରୁ ଜାଣିପାରନ୍ତି ଶିଷ୍ୟ ଦେହର ଆବଶ୍ୟକତା । ତେଣୁ ସେ ଉତ୍ତମ ଚିକିତ୍ସକ । ଗୁରୁ ଜାଣିପାରନ୍ତି ବିଦ୍ୟା ଗ୍ରହଣର କୁଶଳତା । ତେଣୁ ସେ ବିଦ୍ୟାଦାତା । ନିଜର ସନ୍ତାନ ଅପେକ୍ଷା ଗୁରୁଙ୍କ ପାଖରେ ଶିଷ୍ୟ ଅଧିକ। ଭାରତୀୟମାନେ ଏହିଭଳି ଗୁରୁଙ୍କୁ କାଳେ କାଳେ ସମ୍ମାନ ଦେଇ ଆସିଛନ୍ତି । ଶିଷ୍ୟମାନେ ମଧ ସମଗ୍ର ଜୀବନ ଗୁରୁମାନଙ୍କ ପାଇଁ ସମର୍ପଣ କରିଛନ୍ତି । ଶିଷ୍ୟମାନେ ଗୁରୁଙ୍କ ବିନା ପରାମର୍ଶରେ ଖାଦ୍ୟ ମଧ ଗ୍ରହଣ କରନ୍ତି ନାହିଁ ।

ଏପରିକି ସ୍ୱୟଂ ଭଗବାନ ତାଙ୍କର ଅବତାର କାଳୀନ ଲୀଳା ସମୟରେ ଗୁରୁ ଗ୍ରହଣ କରିଛନ୍ତି। ଭଗବାନ ଶ୍ରୀରାମଙ୍କ ଗୁରୁଥିଲେ ବଶିଷ୍ଠ ଓ ବିଶ୍ୱାମିତ୍ର । ଭଗବାନ ଶ୍ରୀକୃଷ୍ଣଙ୍କ ଗୁରୁଥିଲେ ମହର୍ଷି ସନ୍ଦିପନି । ଗୁରୁ ପର୍ଶୁରାମଙ୍କ ଶିଷ୍ୟ ଥିଲେ ଭୀଷ୍ମ । ଗୁରୁ ଦ୍ରୋଣଙ୍କ ଶିଷ୍ୟ ଏକଲବ୍ୟ । ଗୁରୁ ଚାଣକ୍ୟଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ । ଗୁରୁ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ଶିଷ୍ୟ ଥିଲେ ବିବେକାନନ୍ଦ । ଗୁରୁ ସୌମ୍ୟ ଋଷିଙ୍କ ଶିଷ୍ୟ ଆରୁଣି ଓ ଉପମନ୍ୟୁ । ଗୁରୁ ରାମଦାସଙ୍କ ଦାସଙ୍କ ଶିଷ୍ୟ ଛତ୍ରପତି ଶିବାଜୀ, ଗୁରୁ ସକ୍ରେଟିସ୍ ?ଙ୍କ ଶିଷ୍ୟ ପ୍ଲାଟୋ । ଗୁରୁ ଆରିଷ୍ଟଟଲଙ୍କ ଶିଷ୍ୟ ଆଲେକ୍ ? ଜାଣ୍ଡାର । ଗୁରୁ ସନ୍ଥ ରାମାନନ୍ଦଙ୍କ ଶିଷ୍ୟ କବୀର । ଗୁରୁ ଶ୍ରୀକୃଷ୍ଣଙ୍କ ଶିଷ୍ୟ ଅର୍ଜୁନ । ଏଭଳି ଆଦର୍ଶ ଗୁରୁ ଶିଷ୍ୟମାନଙ୍କୁ ମାନବ ସମାଜ ଯୁଗେ ଯୁଗେ ମନେରଖି ଆସିଛି ।

ଆମ ଦର୍ଶନରେ କୁହାଯାଇଛି, 'ଆଚାର୍ଯ୍ୟ ଦେବୋ ଭବ' । ଅର୍ଥାତ୍ ଆଚାର୍ଯ୍ୟ ବା ଆଚ଼ରଣ ସିଦ୍ଧ ନହେଲେ କେହି ଗୁରୁ ହୋଇ ପାରେନା । ପିତା ମାତାଙ୍କୁ ଗୁରୁ ହେବାକୁ ପଡ଼େ - ଯାହା ସାଧାରଣ କଥା ନୁହେଁ ସାଧନାର କଥା । ପିତାଗୁରୁ, ମାତାଗୁରୁ, ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ-ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ ଠାରୁ ବିଦ୍ୟା, ଦୀକ୍ଷାଗୁରୁଙ୍କ ଠାରୁ ସିଦ୍ଧି ପ୍ରାପ୍ତ ହେଲେ ବି; ଜଣେ ମାଟି, ଜଳ, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ବୃକ୍ଷ, ଜୀବଜଗତଙ୍କ ଠାରୁ ଅନେକ କିଛି ଶିଖେ । ନିଜେ କଟେଇଥିବା ସମୟଠାରୁ ଅଭିଜ୍ଞତା ଗ୍ରହଣ କରିବି ଜଣେ ଏହି ସଂସାର ପଥ ଅତିକ୍ରମ



କରିବାକୁ ଶିକ୍ଷାଲାଭ କରେ । ଏଣୁ ସାମଗ୍ରିକ ଦୃଷ୍ଟିରୁ ଗୁରୁଶବ୍ଦର ଏକ ମହାବ୍ୟାପ୍ତିତାକୁ ଅନୁଭବ କରି ହୁଏ । ତେଣୁ ଶାସ୍ତ୍ର ମତରେ ଗୁରୁ ସର୍ବବ୍ୟାପ୍ତି, ସର୍ବ ଶକ୍ତିମାନ ଓ ସର୍ବ ଜ୍ଞାତ୍ୱା ର ଆଧାର । ପ୍ରାକୃତିକ ଶକ୍ତିର ଗୁଣ ତାଙ୍କ ଭିତରେ ସମାହିତ । ଏଣୁ ଦର୍ଶାଇ ଦିଆଯାଇଛି- ' ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ / ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ' ।

ଜ୍ଞାନ , ଭକ୍ତି ଓ ବୈରାଗ୍ୟ ଗୁରୁଙ୍କର ମୌଳିକ ଉପାଦାନ । ଗୁରୁଙ୍କ ଶ୍ରଦ୍ଧା, ସ୍ନେହାଶୀର୍ବାଦ ହିଁ ଶିଷ୍ୟମାନଙ୍କର ଜୀବନର ପାଥେୟ । ପ୍ରାଚୀନ କାଳରୁ ଆରୁଣି, ଉପମନ୍ୟୁ, ଏକଲବ୍ୟ ଶିଷ୍ୟମାନଙ୍କର ନାମ ଏବେ ମଧ୍ୟ ସ୍ମରଣୀୟ ହୋଇ ରହିଛି । ଏକଲବ୍ୟ ନିଜର ଗୁରୁ ଦକ୍ଷିଣା ସ୍ୱରୂପ ବୃଦ୍ଧାଙ୍ଗୁଳିକୁ ଗୁରୁ ଦ୍ରୋଣଙ୍କୁ ପ୍ରଦାନ କରିଥିଲେ । ଉପମନ୍ୟୁ ଗୁରୁଙ୍କ ବିନା ଅନୁମତିରେ ନଖାଇ ଅତି ଭୋକିଲା ହୋଇ ଶେଷରେ ଅରଖ ବୃକ୍ଷର ପତ୍ର ଖାଇ ଅନ୍ଧହୋଇ ଯାଇଥିଲେ ଓ ଗୁରୁଦେବଙ୍କ ନାମ ଧରି ଚିତ୍କାର କରିଥିଲେ । ଶେଷରେ ଗୁରୁଙ୍କ ଆଶୀର୍ବାଦରୁ ଚକ୍ଷୁ ଫେରିପାଇଥିଲେ । ଆରୁଣି ଗୁରୁ ଦେବଙ୍କ ବଚନ ପାଳିବାକୁ ଯାଇ ଜୀବନ ସମର୍ପଣ କରି ଗୁରୁ କୃପା ଲାଭ କରିଥିଲେ । ଯେତେବେଳେ ଶିଷ୍ୟ ନିଜର ସମସ୍ତ ଅହଙ୍କାର ତ୍ୟାଗ କରି ନିଜକୁ ଗୁରୁମୟ କରିଦିଅନ୍ତି, ଅର୍ଥାତ୍ ଗୁରୁ ସମର୍ପିତ ବୋଲି ଭାବି ନିଅନ୍ତି, ସେତେବେଳେ ସମର୍ଥ ଗୁରୁଙ୍କ ଆଶୀର୍ବାଦ ମଧ୍ୟ ବଳଶାଳୀ ହୋଇ ଉଠେ। ଶିଷ୍ୟଙ୍କୁ କଠିନରୁ କଠିନତମ କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ କରିବାକୁ ସୁଯୋଗ ଦେଇଥାଏ । ଅଟଳ ଗୁରୁଭକ୍ତି, ଦୁର୍ଲଙ୍ଘ ହିମାଳୟକୁ ଲଙ୍ଘନ କରିବାର ମହାଶକ୍ତି ଭରି ଦେଇଥାଏ । ଭାରତୀୟ ପରମ୍ପରାରେ ଗୁରୁଙ୍କୁ ଉଚ୍ଚସ୍ଥାନ ଦିଆଯାଇଛି ।

ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି । ଶିକ୍ଷା ବିନା ମାନବ ଜୀବନ ନିରର୍ଥକ ପାଲଟି ଯାଏ , ଦେଶର ବିକାଶ ଘଟିପାରେ ନାହିଁ । ତେଣୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁଙ୍କର ମହତ୍ତ୍ୱ ସେହିପରି ସବୁ ସମୟରେ ଅଛି । ଆଜିର ସମୟକୁ ବି ଦେଖିଲେ ଯିଏ ଯେଉଁକ୍ଷେତ୍ରରେ ବି ଯାଉ, ସେହି କ୍ଷେତ୍ରରେ ପାରଙ୍ଗମ ହେବା ପାଇଁ ଜଣେ ସଦ୍ ଗୁରୁ, ବା ଶିକ୍ଷକ ବା ପରାମର୍ଶଦାତା ବା କୋଚ୍ ବା ମେଣ୍ଟରଙ୍କର ନିହାତି ଆବଶ୍ୟକତା ରହିଛି । ତାଙ୍କର ଅବର୍ତ୍ତମାନରେ କୌଣସି ପ୍ରକାର ଆଗକୁ ଆଗେଇବା ସମ୍ଭବ ନୁହେଁ । ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାହିଁ ଅନୁଭବ କରିଥିଲେ । ତେଣୁ ଗୁରୁଦିବସ ବା ଶିକ୍ଷକ ଦିବସ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଏହା ଏକ ବିଶେଷ ଦିବସ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବା ସମ୍ପ୍ରଦାୟରେ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନ ଦେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥାଏ ।

ଉପଯୁକ୍ତ ବୀଜ ଉର୍ବର କ୍ଷେତରେ ପଡ଼ିଲେ ଯାଇ ଉତ୍ତମ ଫସଲ ଉତ୍ପାଦନ ହେବ । ଗୁରୁ ଅଲୌକିକ ଗୁଣ ସମ୍ପନ୍ନ ହେବା ବାଞ୍ଛନୀୟ । ଶିଷ୍ୟ ମଧ ତଦ୍ରୂପ ହେବା ପ୍ରୟୋଜନ । ଅତୀତରେ ଗୁରୁ ଶିଷ୍ୟର ସମ୍ପର୍କ ମଧୁର ତଥା ଅନାବିଳ ଥିଲା । ସେହି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆମର ଭୂତପୂର୍ବ ରାଷ୍ଟ୍ରପତି, ଭାରତର ବରେଣ୍ୟ ସନ୍ତାନ, ପ୍ରଜ୍ଞାପୁରୁଷ, ବିଶ୍ୱର ଶ୍ରେଷ୍ଠ ଦାର୍ଶନିକ, ବିଶ୍ୱ ପ୍ରସିଦ୍ଧ ବାଗ୍ମୀ, ଚିନ୍ତାଶୀଳ ଜନନାୟକ ଓ ମହାନ୍ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି । ଥରେ ଗୁରୁଦିବସରେ ଡଃ ଏପି.ଜେ ଅବଦୁଲ୍ କାଲାମଙ୍କୁ କେହି ଜଣେ ପ୍ରଶ୍ନ କଲେ, ଆପଣ କ'ଣ ହେବାକୁ ଅଧିକ ପସନ୍ଦ କରିଥାନ୍ତେ । ତା'ର ଉତ୍ତରରେ ସେ କହିଥିଲେ ମୁଁ ଶିକ୍ଷକ ହେବାକୁ ପସନ୍ଦ କରିଥାନ୍ତି । ରାଷ୍ଟ୍ରପତି ପଦରୁ ଅବସର ନେଲା ପରେ ଡଃ କାଲାମ୍ ମାଡ୍ରାସସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ ଯୋଗ ଦେଲେ । ଡ. ଏପି.ଜେ କାଲାମ୍ କହୁଥିଲେ, ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରିବା କେବଳ ତିନିଜଣଙ୍କ ଦ୍ୱାରା ସମ୍ଭବ । ସେମାନେ ହେଉଛନ୍ତି ମୋର ତିନିଗୁରୁ ପିତା, ମାତା ଓ ଶିକ୍ଷକ । ସେ କହୁଥିଲେ ଭଲ ଶିଶୁଟିଏ ଗଢ଼ିଲେ ସେ ପରବର୍ତ୍ତୀ କାଳରେ ଭଲ ମଣିଷଟିଏ ହେବ । ଭଲ ପରିବାରଟିଏ ସୃଷ୍ଟି ହେବ । ଭଲ ପରିବାରଟିଏ ଗଢ଼ା ହେଲେ ସମୃଦ୍ଧଶାଳୀ ସମାଜ ଓ ରାଷ୍ଟ୍ର ଗଠନ ସମ୍ଭବ ହେବ । ଗାନ୍ଧିଜୀ କହୁଥିଲେ ଶିକ୍ଷକ ହିଁ ଛାତ୍ରର ମୂଳପୁସ୍ତକ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର କହିଛନ୍ତି, ଶିକ୍ଷକଙ୍କ ସକଳ କୁଶଳତା ଶିଶୁ ଭିତରେ ସମାହିତ ହୁଏ । ଦୀପ ଭଳି ଜଳିଜଳି ଅନ୍ୟକୁ ଆଲୋକ ଦେବାରେ ବ୍ରତୀ ଥାଏ ଶିକ୍ଷକ । ବହୁ ମଣିଷ ଗଢନ୍ତି ସେ, ମଣିଷ ଗଢା ବଂଶ କାରଖାନାର ସେ ହେଉଛନ୍ତି କର୍ଣ୍ଣଧାର ।

ସୁନାଗରିକଭାବେ ଜୀବନ ନିର୍ବାହ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ , ବିଜ୍ଞାନ, କୌଶଳ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ଓ ପରିପାର୍ଶ୍ୱ ପ୍ରତି ସମ୍ବେଦନଶୀଳ ହେବାକୁ ସଚେତନ କରିବା ହେଉଛି ଶିକ୍ଷକଙ୍କ କାର୍ଯ୍ୟ । ଆନ୍ତର୍ବିଦ୍ୟା ଓ ବହୁବିଷୟକ ଗବେଷଣା ମାଧ୍ୟମରେ ପ୍ରଗତିଶୀଳ, ଜ୍ଞାନ ସମ୍ଭବ ପୋଷଣୀୟ ସମାଜ ନିର୍ମାଣ କରିବା ପାଇଁ ଉଦ୍ୟମ ଜାରିରଖିବାକୁ ଆଦର୍ଶ ଶିକ୍ଷକ ହିଁ ଚେଷ୍ଟା କରିଥାନ୍ତି । ସମସ୍ୟା ସମାଧାନ, ସମ୍ମାନବୋଧ, ନେତୃତ୍ୱ ପ୍ରଦାନ ତଥା ମିଳିତକାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟିକରି, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ନୈତିକତା, ଗୁଣବତ୍ତା ପ୍ରତି ପ୍ରତିଶ୍ରୁତିବଦ୍ଧ କରାଇବା ମୁକ୍ତଚିନ୍ତା, ସର୍ଜନା, ଆବିଷ୍କାର ଓ ବୃତ୍ତିଗତ ଉନ୍ନତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତକରିବା ଓ ଚେତନାର ଉତ୍ତରଣ ମାଧ୍ୟମରେ ବିଶ୍ୱକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବାପାଇଁ ଯେଉଁ ଶିକ୍ଷକ ମାନେ ଚେଷ୍ଟା ଚଳାଇଛନ୍ତି ସେମାନେ ଆଜି ବନ୍ଦନୀୟ ଓ ସ୍ମରଣୀୟ । ବାସ୍ତବରେ ସ୍ୱପ୍ନବିଳାସୀ ଗୁରୁଙ୍କର ସ୍ୱପ୍ନକୁ ଅଧାର କରି ଆଲେକ୍‌ଜାଣ୍ଡାର ବିଶ୍ୱ ବିଜୟୀ ହୁଏ, ଉଦୀୟମାନ ନଚ଼ିକେତାଙ୍କ ଜିଜ୍ଞାସା ଜାଗ୍ରତ ହୁଏ । ଶିବାଜୀ ହୁଅନ୍ତି ରାଷ୍ଟ୍ର ନିର୍ମାତା, ଚନ୍ଦ୍ରଗୁପ୍ତ ପାଲଟନ୍ତି ସୁଶାସକ ଓ ସମ୍ରାଟ । ନରେନ୍ ପାଲଟନ୍ତି ବିବେକାନନ୍ଦ । ଶିଷ୍ୟ ଭିତରେ ଉତ୍ତମ ଚ଼ରିତ, ନୈତିକତା, ଶିକ୍ଷା, ଦୀକ୍ଷା ଶୃଙ୍ଖଳା ଗୁରୁ ସୃଷ୍ଟି କରନ୍ତି । ତେଣୁ ସମସ୍ତଙ୍କ ମନକୁ ନିୟନ୍ତ୍ରଣ କରିପାରୁଥିବା ଓ ଚ଼ରିତ୍ରକୁ ସଜାଡ଼ି ପାରୁଥିବା ଗୁରୁ ହିଁ ଶ୍ରେଷ୍ଠ ଆସର ଅଧିକାରୀ ।

ନିଷ୍କର୍ଷରେ କେବଳ କହିହେବ ଛାତ୍ରଛାତ୍ରୀମାନଙ୍କୁ ନୂତନ ଚିନ୍ତାଧାରା,ଜ୍ଞାନ ଆହରଣର ନୂତନମାର୍ଗ ମାଧମରେ ଗତିଶୀଳ ଜ୍ଞାନଭିତ୍ତିକ ଅର୍ଥନୀତି ସଂପର୍କରେ ସଚେତନ କରିବା ତଥା ସେମାନଙ୍କ ବୌଦ୍ଧିକ ରୂପାନ୍ତର ଆଜିର ପ୍ରତ୍ୟେକ ଗୁରୁଙ୍କ ପବିତ୍ର ଦିବସର କାମ୍ୟ ହେଉ...!!!


+ଅଧକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪ ,
ମୋ: ୯୦୪୦୧୫ ୧୪୭୫


## ଆମ ଗୁରୁ ଦିବସ

### ଜୟକୃଷ୍ଣ ସାହୁ

ଗୁରୁ ପୂଜା ପାଇଁ ଗୋଟିଏ ଦିବସ
ହୋଇଅଛି ଆମ ସ୍ଥିର
ସେ ଦିନଟି ଅଟେ ସେପ୍ଟେମ୍ବର ପାଞ୍ଚ
ହେଉ ପଛେ ଯେଉଁ ବାର ।

ସେଇ ଦିନ ଆମେ ବିଦ୍ୟାଳୟ ଯାଇ
ଗୁରୁ ପୂଜା କରିଥାଉ
ଭାବ ଭକତିରେ ଗୁରୁ ପୂଜା କରି
ଆଶିଷ ତାଙ୍କର ନେଉ ।

ଏହି ଦିନ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍
ଜନମି ଥିଲେ କୁଟୀରେ
ଥିରୁଥାନି ଥିଲା ସେ ଗାଆଁର ନାଆଁ
ତାହା ତାମିଲନାଡୁରେ ।

ଅଠରଶ ଅଠାଅଶୀ ମସିହାର
ସେପଟ୍ଟେମ୍ବର ମାସ ପାଞ୍ଚ
ଏହାଥିଲା ତାଙ୍କ ଜନମ ତାରିଖ
କଥାଟି ନିରାଟ ସତ ।

ସେ ହୋଇଲେ ଦିନେ ଆମ ରାଷ୍ଟ୍ର ମୁଖ୍ୟ
ରାଷ୍ଟ୍ରପତି ପଦ ପାଇ
ତାଙ୍କ ଜନ୍ମ ଦିନ ସମରପି ଦେଲେ
କୋଟି କୋଟି ଗୁରୁ ପାଇଁ ।

ସେ ଦିନଟି ଗୁରୁ ଦିବସ ନାମରେ
ଖ୍ୟାତ ହେଲା ଦେଶ ସାରା
ଖୁସିରେ ଗୁରୁଙ୍କ ପାଦ ପୂଜା କରି
ଆମେ ହେଉ ଆତ୍ମହରା ।


+କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


## ପାଳିବା ଆସ ଗୁରୁ ଦିବସ

### ପ୍ରଦୀପ୍ତ କୁମାର ଦାସ

ପାଳିବା ଆସ ଗୁରୁଦିବସ
ହୋଇଣ ହସ ହସ-
ଦେବତା ସମ ଗୁରୁଙ୍କୁ ପୂଜି
ଲଭିବା ଆମେ ଯଶ,
ସରବପଲ୍ଲୀ ରାଧାକ୍ରିଷ୍ଣନ
ଥିଲେତ ଗୁରୁ ଜଣେ-
ଯାହାଙ୍କୁ ଆମ ମହାନ ଦେଶ
ସରବ ଶ୍ରେଷ୍ଠ ମଣେ,
ତାଙ୍କ ଜନମ ଦିନରେ ଆମେ
ଗୁରୁଙ୍କୁ ପୂଜି ଥାଉ-
ଅରପି ଦେଇ ଫୁଲ ଚନ୍ଦନ
ମହିମା ତାଙ୍କ ଗାଉ,
ତାପରେ ତାଙ୍କୁ ଖୁଆଇ ମିଠା
ଦେଉତ ଉପହାର-
ଶରଧାରେ ସେ ମଥା ଆଉଁସି
ଝରାନ୍ତି ଲୁହ ଧାର,
ଗୁରୁଦିବସ ଗୁରୁଛାତ୍ରଙ୍କୁ
ଏକାଠି କରିଥାଏ-
ମହତ ଭାବ ଝରାଇ ଦେଇ
ଦୂରକୁ ଫେରିଯାଏ ।


+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

# ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ସୁଧାର ପାଇଁ ଦାବିପତ୍ର



ବାରିପଦା, ୪/୯ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନ ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡଓ୍ୱା ଖୁଣ୍ଟା ବ୍ଲକ କମିଟି ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଥାନା ଅଧିକାରୀ ଖୁଣ୍ଟାଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇ କୁହାଯାଇଛି ଯେ, ଆଦିବାସୀ ସମାଜରେ ପ୍ରଚଳିତ ସ୍ୱ-ଶାସନ ବ୍ୟବସ୍ଥା, ବିଶେଷକରି ସାନ୍ତାଳ ସମାଜରେ ପ୍ରଚଳିତ ବ୍ୟବସ୍ଥା, ସ୍ୱ-ଶାସନ ଯାଗାରେ ସ୍ୱ-ଶୋଷଣର ପ୍ରତୀକ ପାଲଟିଛି । ଏହା ଏବେ ଗୁଣ୍ଡାଗିରି ଏବଂ ସ୍ୱେଚ୍ଛାଚାରିତାର ଏକଛତ୍ରବାଦୀ ରୂପ ନେଇଛି । ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥାଟି ସମ୍ବିଧାନ ଏବଂ ଗଣତନ୍ତ୍ରର ବିରୋଧୀ ଅଟେ । ଏହି ବ୍ୟବସ୍ଥାଟି ବଂଶବାଦୀ ଅଟେ ଏବଂ ମାଝୀ-ପାର୍ଗନାର ଅଧିକାଂଶ ଗ୍ରାମ ମୁଖ୍ୟମାନେ ନିରକ୍ଷର, ମଦ୍ୟପ ଏବଂ ଅଶିକ୍ଷିତ ଅଟନ୍ତି । ସେମାନେ ଦେଶ ଏବଂ ଦୁନିଆ ବିଷୟରେ ଅଜ୍ଞ ଅଟନ୍ତି, କିଛି ଜାଣନ୍ତି ନାହିଁ, ବୁଝନ୍ତି ନାହିଁ । ସେମାନେ ଗାଁର ସମସ୍ତ ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ । ଗଣତାନ୍ତ୍ରିକ ବ୍ୟବସ୍ଥାର ଅନୁପସ୍ଥିତିରେ, ଗାଁରେ ଉପଲବ୍ଧ ଶିକ୍ଷିତ ଲୋକ ଏବଂ ମହିଳାମାନେ ଅଂଶଗ୍ରହଣ କରିବାର ସୁଯୋଗ ପାଆନ୍ତି ନାହିଁ । ସାମାଜିକ ବହିଷ୍କାରର ଧମକ ଯୋଗୁଁ ବାକି ଲୋକମାନେ ଗୁଲାମୀର ଜୀବନଯାପନ କରିବାକୁ ବାଧ ହେଉଛନ୍ତି । ତେଣୁ, ସମସ୍ତଙ୍କ ପାଇଁ ବିକାଶ ଏବଂ ସମାନତା ପାଇଁ, ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକୀକରଣ କରାଯିବା ପାଇଁ ଦାବି କରାଯାଇଛି । ମାଝୀ-ପାର୍ଗନା ବ୍ୟବସ୍ଥାର ମୁଖ୍ୟମାନେ ସମ୍ବିଧାନ, ଆଇନ ଏବଂ ମାନବାଧିକାରକୁ ମାନନ୍ତି ନାହିଁ । ଏହି ବ୍ୟବସ୍ଥାର ବାହକମାନେ ହିଁ ଅନ୍ଧବିଶ୍ୱାସ, ମଦ୍ୟପାନ, ଜରିମାନା, ସାମାଜିକ ବହିଷ୍କାର, ଡାହାଣୀ ହତ୍ୟା, ପ୍ରତାରଣା, ଭୋଟ କିଣାବିକା, ମହିଳା ବିରୋଧୀ ମାନସିକତା, ଈର୍ଷା, ଘୃଣା ଇତ୍ୟାଦିକୁ ଦୂର କରିବା ପରିବର୍ତ୍ତେ, ସେମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି । ତେବେ ଏହା ମର୍ଯ୍ୟାଦା ଏବଂ ସମାନତାର ସହିତ ବଞ୍ଚିବାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରିଚାଲିଛି । କାହା ଉପରେ ମନଇଚ୍ଛା ଜରିମାନା ଲାଗୁ କରିବା, ସାମାଜିକ ବହିଷ୍କାର, ଡାହାଣୀ ନାମରେ ହଇରାଣ ଏବଂ ହତ୍ୟା ଆଦିକୁ ସାମାଜିକ ସମସ୍ୟା ନୁହେଁ, ବରଂ ଅପରାଧିକ ଏବଂ ବେଆଇନ କାର୍ଯ୍ୟ ଅଟେ । ତେଣୁ, ପ୍ରତ୍ୟେକ ଆଦିବାସୀ ଗ୍ରାମର ନାଗରିକମାନଙ୍କୁ ଏହି ଅପରାଧ ଏବଂ ହିଂସାରୁ ଅବିଳମ୍ବେ ମୁକ୍ତ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ବିଧାନ, ଆଇନ ଏବଂ ମାନବାଧିକାରକୁ ସୁରକ୍ଷା ଦେବା କାର୍ଯ୍ୟପାଳିକାର ମହାନ ଦାୟିତ୍ୱ ଅଟେ । ତେଣୁ, ଜିଲ୍ଲା ପୋଲିସ-ପ୍ରଶାସନ ଏହାକୁ ତୁରନ୍ତ ତଦନ୍ତ କରି ବନ୍ଦ କରିବା ଆବଶ୍ୟକ । ଆଦିବାସୀ ସେଙ୍ଗେଲ ଅଭିଯାନ ମାଝୀ-ପାର୍ଗନା ବ୍ୟବସ୍ଥାରେ ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ସୁଧାର ଦାବି କରୁଅଛି । କାରଣ, ଏହାକୁ ଆଦିବାସୀଙ୍କ ସାମାଜିକ ସମସ୍ୟା ବୋଲି କହି ହାତ ଝାଡିଦେବା, ଭାରତୀୟ ନାଗରିକଙ୍କ ବିରୁଦ୍ଧରେ ଏକ ଅପରାଧ ଭଳି କାର୍ଯ୍ୟ ଅଟେ । କପ୍ତିପଦା ଉପଖଣ୍ଡ କମିଟିର ସେଙ୍ଗେଲ ପାର୍ଗାନା ଶ୍ରୀ ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ନୀଳରତ୍ନ ଗୁଡମାର୍ଣ୍ଡି, ଶ୍ରୀ ରାମଚନ୍ଦ୍ର ହେମ୍ବ୍ରମ, ବୁଧୁରାମ ଟୁଡୁ, ସୁଦର୍ଶନ ମାର୍ଣ୍ଡି, ରାମଚନ୍ଦ୍ର ସୋରେନ, ଧାନ ମୁର୍ମୁ, ଶ୍ରୀମତୀ ଦ୍ରୌପଦୀ ସୋରେନ, କୁଇଲୁ ମୁର୍ମୁ ଆଦି ଉପସ୍ଥିତ ଥିଲେ ।

## ଗୁରୁ, ସାମ୍ପ୍ରଦାୟିକତା ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ମଣିଷ ଜୀବନ୍ତ ଆଦର୍ଶ ବା ଇଷ୍ଟଙ୍କ ସହିତ ଯୁକ୍ତ ହେଲେ ପ୍ରଜ୍ଞାବାନ, ମଧୁର, ଗମ୍ଭୀର ଓ ଶକ୍ତିମାନ ହୁଏ । ତାର ପ୍ରବୃତ୍ତିଗୁଡ଼ିକ ମଧ୍ୟ ଏଇ ଇଷ୍ଟଙ୍କର ହିଁ ସେବା କରେ । ଇଷ୍ଟ ହେଉଛନ୍ତି ଚିର ମଙ୍ଗଳମୟ, ତେଣୁ ପ୍ରବୃତ୍ତିଗୁଡ଼ିକ ମଧ୍ୟ ସେତେବେଳେ ନିଜର ଓ ପରର ମଙ୍ଗଳ ଆବାହନ କରେ, ପ୍ରବୃତ୍ତି ଗୁଡ଼ିକ ସେତେବେଳେ ହୁଅନ୍ତି ଧର୍ମର ବାହନ, ରିପୁ ହୋଇ ରହନ୍ତିନାହିଁ। ଆଉ ତାକୁ ଦମନ କରିବାକୁ କସରତ ମଧ୍ୟ କରିବାକୁ ପଡ଼େନି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ - 'ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ, ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋସି ମେ' ଅର୍ଥାତ୍ ହେ ଅର୍ଜୁନ ! ତୁମେ ମୋ ଠାରେ ମନ ଲଗାଅ, ମୋର ଭକ୍ତ ହୋଇଯାଅ, ମୋର ଯାଜନ କର, ମୋତେ ନମସ୍କାର କର, ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ, ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ। ସେହିପରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ କହିଲେ - ସଦ୍ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ନାମ ମନନ କର, ଆଉ ସତ୍ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ । ଏ ପ୍ରକାର ଅଭୟବାଣୀ କେବଳ ଈଶ୍ୱର ବା ପରମପିତା ହିଁ ଦେଇପାରିବେ । ଜନୈକ ବ୍ୟକ୍ତି କହିଲେ - ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ତାର ଅର୍ଥ ସେ ଜୀବନ ହିଁ ଚାହେଁନା । ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗୀ ହୋଇ ଚଳିବା । ସତ୍ଦୀକ୍ଷା ନେବାକୁ ଆପତ୍ତି ଥାଏ ସେତେବେଳେ ହିଁ ଯେତେବେଳେ ଆମେ ପ୍ରବୃତ୍ତିର ଅନୁଚର ହେଉ । ଅମୃତରେ ଅରୁଚି ହୁଏ ସେତେବେଳେ ହିଁ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସବୁର ମୂଳରେ ହେଲା ଇଷ୍ଟ ନିଷ୍ଠା । ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ଭାବୁଛ ମନରେ ସବୁ ହେଲା, ତା ତ ନୁହେଁ, ତା' ତ ନୁହେଁ ହିଁ, ନିଷ୍ଠା ସହ ଯଦି ନ ପାଳ । ସଦ୍ଗୁରୁଙ୍କ ପାଖରୁ ଦୀକ୍ଷା ନେବା ପରେ ହିଁ ଦ୍ୱିତୀୟ ଜୀବନ ଆରମ୍ଭ ହୁଏ । ଜନ୍ମ ଜନ୍ମାନ୍ତରର ଜମି ରହିଥିବା ପାପ ଓ ମଇଳା ସେଇ ଗୁରୁଙ୍କ ପ୍ରଦତ୍ତ ସତ୍ନାମ ମନନରେ ସଫା ହେବା ଆରମ୍ଭ ହୁଏ ଏବଂ କେତେ ଜନ୍ମ ମଧ୍ୟ ଲାଗିପାରେ । ସେ ସତ୍ନାମ ବା ଆଦିନାମର ସ୍ୱତଃ ପ୍ରକ୍ରିୟା ଯୋଗୁଁ ଧୀରେ ଧୀରେ ପ୍ରପବୃତ୍ତି ଗୁଡ଼ିକରେ ସାମଞ୍ଜସ୍ୟ ହୋଇ ସତ୍ତାକୁ ବିବର୍ଦ୍ଧନ ଦିଗରେ ଆଗେଇ ନେଇ ଜୀବନକୁ ନିଶ୍ଚୟ ମଧୁମୟ କରି ତୋଳିବ ।

+ପ୍ରତିରତ୍ୱିକ ଓ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜିଏସଟି ସ୍ଲାବରେ...

ସରକାର ୩୦୦୦ କୋଟି ଟଙ୍କା ପାଇବା ଆଶା ଥିଲା । ହେଲେ ଏବେ ଅଧିକ ରାଜସ୍ୱ ହାନି ହେବା ପରେ କ୍ଷତିପୂରଣ ବାବଦକୁ ଓଡ଼ିଶାକୁ କେତେ ଟଙ୍କା ମିଳିବ ତାହା ଅପେକ୍ଷାରେ ସରକାର । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର । ତେଣୁ ଜିଏସଟି ହ୍ରାସ ଯୋଗୁଁ ହେବାକୁ ଥିବା କ୍ଷତିଭରଣା ପାଇଁ କେନ୍ଦ୍ର ସରକାର ନେଇପାରନ୍ତି ବଡ ନିଷ୍ପତ୍ତି ।

### ଫେରିବ ମହାପ୍ରଭୁଙ୍କ...

ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି । ତାର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଶ୍ରୀମନ୍ଦିର ସମ୍ପର୍କୀତ ଏକ ମାମଲାର ଶୁଣାଣି କରି ୨୦୧୯ରେ ମହାପ୍ରଭୁଙ୍କ ସମସ୍ତ ସମ୍ପତ୍ତି ଦଖଲକୁ ଆଣିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। କିନ୍ତୁ ୬ ବର୍ଷରେ ଫେରିଛି ମାତ୍ର ୪ ହଜାର ଏକର ସମ୍ପତ୍ତି । ଏଯାଏଁ ଠାବ ହୋଇପାରୁନି ଆଉ ୨୨ ହଜାର ଏକର । ଯାହାଫଳରେ ଠାବ ହୋଇପାରିନଥିବା ଜମିରୁ ଆସିବାକୁ ଥିବା ରାଜଭାଗ ମଧ୍ୟ ଆସିପାରୁନି । ତେଣୁ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ ବି କେତେ ସଫଳତା ନେଇ ସନ୍ଦେହ ପ୍ରକାଶ କରିଛନ୍ତି ପୁରୀବାସୀ ।

### ସ୍କୁଲ ସହ ...

ଏହାଦ୍ୱାରା ଦେଶର ପ୍ରାୟ ୧୫ କୋଟି ପିଲାଙ୍କ ଉପଯୁକ୍ତ ଯତ୍ନ ନେବା ସମ୍ଭବ ହୋଇପାରିବ । ମନ୍ତ୍ରୀ କହିଛନ୍ତି, ସ୍କୁଲରେ ଅଙ୍ଗନୱାଡି ସାମିଲ ହେଲେ ଭିତ୍ତିଭୂମି ଆବଶ୍ୟକ ଅଛି । ଏଥିପାଇଁ କାମ ଚାଲିଛି ।

### କୋମାରେ ଅଛନ୍ତି ଲୋକପ୍ରିୟ ସଙ୍ଗୀତ...

ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଲିଭର ଜନିତ ରୋଗରେ ପୀଡିତ ହୋଇ ଗତ ସପ୍ତାହରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଅଭିଜିତ । ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ଆଜି ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍ସ ସ୍ଥାନାନ୍ତର କରି ଭର୍ତ୍ତି କରାଯାଇଛି । ତେବେ ଏମ୍ସରେ ଭର୍ତ୍ତି ହେବା ପରେ ଅଭିଜିତଙ୍କ ବ୍ରେନରେ ସୋଡିୟମ କମିଥିବା ଏବଂ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା । ଟ୍ରମା ସେଣ୍ଟରରେ ପ୍ରାଥମିକ ଚିକିତ୍ସା ପରେ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଥିଲା ।

### ପଶ୍ଚିମବଙ୍ଗ ବିଧାନସଭାରେ...

ଯେଉଁଥିରେ ସେ କେନ୍ଦ୍ର ସରକାରଙ୍କ ନୀତି ଓ ରାଜ୍ୟରେ ହସ୍ତକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି । ମମତା ଆହୁରି କହିଛନ୍ତି, ବଙ୍ଗଳାର ଜନତା ଏହାକୁ କେବେ ବରଦାସ୍ତ କରିବେ ନାହିଁ । ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବିଜେପିର ରାଜନୈତିକ କୌଶଳକୁ ଟାର୍ଗେଟ କରି ରାଜ୍ୟରେ ସେମାନଙ୍କ ପ୍ରଭାବ ବୃଦ୍ଧି ପାଇଁ ଚେଷ୍ଟାକୁ ବିରୋଧ କରିଛନ୍ତି । ସେପଟେ ବିଧାନସଭାରେ ହଟ୍ଟଗୋଳ ଯୋଗୁ ବିଜେପି ମୁଖ୍ୟ ସଚେତକ ଶଙ୍କର ଘୋଷ ଓ ଦଳର ବିଧାୟକଙ୍କୁ ମାର୍ଶାଲ ଲଗାଇ ଗୃହରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ବାଚସ୍ପତି । ଠେଲାପେଲା ଭିତରେ ବିଜେପି ବିଧାୟକ ଆହତ ହୋଇଛନ୍ତି । ବିଧାନସଭା ଅଧିବେଶନର ଅବଶିଷ୍ଟ ଦିନ ଲାଗି ବିଜେପି ମୁଖ୍ୟ ସଚେତକ ଶଙ୍କର ଘୋଷଙ୍କୁ ସସପେଣ୍ଡ କରାଯାଇଛି । ଏହାକୁ କଡ଼ା ଭାଷାରେ ନିନ୍ଦା କରିଛି ବିଜେପି । ପ୍ରବାସୀ ବଙ୍ଗାଳୀଙ୍କ ଉପରେ ନିର୍ଯାତନା ନେଇ ଏକ ସରକାରୀ ପ୍ରସ୍ତାବ ଆଲୋଚନା ବେଳେ ପଶ୍ଚିମବଙ୍ଗ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା । ବିଜେପିକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଡ଼ା ସମାଲୋଚନା କରିବାରୁ ବିଜେପି ବିଧାୟକମାନେ ବିରୋଧ କରିଥିଲେ ।

### ଚାରିଚକିଆ ଗାଡ଼ି ଥିଲେ...

ଫେରାଦ ହୋଇ ନିଜର ଦାବି ଉପସ୍ଥାପନ କରିଛନ୍ତି। ମହିଳାମାନେ ଅଭିଯୋଗ କରି କହିଛନ୍ତି ଯେ ସୁଭଦ୍ରା ଯୋଜନା ଆରମ୍ଭ ହେବା ପରେ ସେମାନେ ଜନ ସେବା କେନ୍ଦ୍ରରେ ଆବେଦନ କରିଥିଲେ। ରାଜ୍ୟ ସରକାର ଚାରି ଚକିଆ ଥିବା ଯୋଗୁଁ କାଟିଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ନୋଟିସ ଜାରି କରିଛନ୍ତି। ବାହାନ ଡାଟାବେସରୁ ଚାରି ଚକିଆ ଥିବା ହିତାଧିକାରୀଙ୍କ ତଥ୍ୟ ସହ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୃତ ହିତାଧିକାରୀଙ୍କ ତଥ୍ୟ ମେଳେଇ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ଦେବାକୁ ନିର୍ଦ୍ଦେଶ ହୋଇଛି। ଖାଦ୍ୟ ଯୋଗାଣ ବିଭାଗକୁ ମଧ୍ୟ ମୃତ ହିତାଧିକାରୀ ତଥ୍ୟ ଦେବାକୁ ନିର୍ଦ୍ଦେଶ ହୋଇଛି।

### ଏଥର ପୂଜା ମେଲୋଡିରେ...

ସବୁ ଭଷାଣି ସ୍ଥାନରେ ଖୋଲିବ କଂଟ୍ରୋଲ ରୁମ,ରଖାଯିବ ଆମ୍ବୁଲାନ୍ସ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ପୂଜା ପେଣ୍ଡାଲରେ ନିଶାକୁ ମନାର ସଚେତନତା୍ୱାର୍ତ୍ତା ବାଂଟିବ ପୋଲିସ । ପୂଜା ପୂର୍ବରୁ ବିଦ୍ୟୁତ ଖୁଂଟ ଓ ତାର ମରାମତିକୁ ଗୁରୁତ୍ୱ ଦିଆଯାଇଛି ।

## ଭୁବନେଶ୍ୱରରେ ମୋଷ୍ଟ ୱାଣ୍ଟେଡକୁ ଧରିବାକୁ ଆସାମ ପୋଲିସର ରେଡ୍

ଭୁବନେଶ୍ୱର, ୪/୯ (ନି.ପ୍ର): ରାଜଧାନୀରେ ଆସାମ ପୋଲିସ। ଇନଫୋସିଟି ଅଂଚଳରେ ଥିବା ସୁଭଦ୍ରା ଆପାର୍ଟମେଂଟରେ ରେଡ଼। କମିଶନରେଟ ପୋଲିସ ସହାୟତରେ ଛାପା ମାରିଥିଲା ଆସାମ ପୋଲିସ। ଆପାର୍ଟମେଂଟ ଭିତରେ ମୋଷ୍ଟ ୱାଣ୍ଟେଡ଼ ଅପରାଧୀ ରହୁଥିବା ନେଇ ସୂଚନା ପାଇଥିଲା ଆସାମ ପୋଲିସ । ୩ଘଂଟାଧାରୀ ଘର ଲକ୍ ଭାଙ୍ଗି ପଶିଥିଲେ ଆସାମ ପୋଲିସ । ହେଲେ ସମୀର ପଟନାୟକକୁ ପାଇଲାନି ପୋଲିସ। ଚଢ଼ାଉ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ ହୋଇଛି। ରଘୁନାଥପୁର ଅଂଚଳରେ ଅଭିଯୁକ୍ତର ମାଲିକାନାରେ ଥିବା ଏକ ବିବାହ ମଣ୍ଡପରେ ମଧ୍ୟ ରେଡ଼ ହୋଇଛି । ପୂର୍ବରୁ ସମୀର ପଟନାୟକ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା ।

## ଶତାଧିକ ବର୍ଷର ଭଦ୍ରକରେ ପ୍ରସିଦ୍ଧ ଅନନ୍ତ ନାରାୟଣ ପୂଜାବ୍ରତ



ଭଦ୍ରକ , ୪/୯ (ନି.ପ୍ର): ଭଦ୍ରକ ସହର ଅନ୍ତର୍ଗତ ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ଅନନ୍ତ ବ୍ରତରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜାତ୍ସବ ଅନୁଷ୍ଠିତ ହୋଇଥାଏ । ଚଳିତ ସେପ୍ଟେମ୍ବର ମାସ ୬ ତାରିଖ ଶନିବାର ଅନନ୍ତ ବ୍ରତ ପୂଜାରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ଚଳିତ ବର୍ଷ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି। ଆଜକୁ ଶହବର୍ଷରୁ ଉର୍ଦ୍ଧ୍ୱ ଧରି ଏହି ବ୍ରତ ଭକ୍ତମାନଙ୍କ ଦ୍ୱାରା ନିଷ୍ଠାର ସହ ପାଳିତ ହୋଇ ଆସୁଅଛି। ଏଥିପାଇଁ ସାଳନ୍ଦୀ ଘାଟରୁ କଳସ ଆସିବା ପରେ ଘଟ ସ୍ଥାପନ କରାଯିବ। ଏହି ପୂଜା ପାଇଁ ନରିପୁର ଅସ୍ତଳ ଗ୍ରାମ ଚଳଚଞ୍ଚଳ ହେଲାଣି। ଅନନ୍ତ ନାରାୟଣଙ୍କ ପୂଜା ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି। ଏଠାରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିରରେ ବିଗ୍ରହଙ୍କୁ ଦେଖିବା ଲାଗି ଓ ଏଠାରେ ବ୍ରତ ପାଳନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥାଏ। ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମନସ୍କାମନା କରେ ତାହାର ମନବାଞ୍ଛା ପୂରଣ ହୋଇଥାଏ। ଭକ୍ତିରେ ଠାକୁରଙ୍କୁ ଡାକିଲେ ଠାକୁର ତାହାର ଡାକ ଶୁଣନ୍ତି ବୋଲି ଲୋକ ପରମ୍ପରା ଓ ବିଶ୍ୱାସ ରହିଛି। ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ଶାନ୍ତି ଶୃଙ୍ଖଳା ପାଇଁ ପୂଜାକମିଟିର କର୍ମକର୍ତ୍ତା, ପୂଜା କାର୍ଯ୍ୟର ଉଦ୍ୟୋକ୍ତାଙ୍କ ଠାରୁ ଆରମ୍ଭ କରି ପୁଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଏ। ବ୍ରତ ପାଳନ ପାଇଁ ସମସ୍ତେ ଏଠାରେ ଯୋଗ ଦେଇ ଠାକୁରଙ୍କ ଠାରେ ଭୋଗ ଲଗାନ୍ତି। ପ୍ରତିବର୍ଷ କଲିକତାରୁ କାରିଗରମାନେ ଆସି ମହାପ୍ରଭୁଙ୍କୁ ବିଭିନ୍ନ କିସମର ପୁଷ୍ପରେ ସଜ୍ଜିତ କରାଯାଏ। ଏଠାରେ ଭାଗବତ ପାଠ, ପ୍ରବଚନ ଭଜନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହେବ। କିମ୍ବଦନ୍ତୀ ଅନୁସାରେ ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମନିବାସୀ ସ୍ୱର୍ଗତ କ୍ଷେତ୍ରମୋହନ ନାୟକ ଓ ତାଙ୍କ ସାଙ୍ଗ ସ୍ୱର୍ଗତ ପୁରୁଷୋତ୍ତମ ପଡ଼ିଆରୀ ଦୁହେଁ ବନ୍ତ ବ୍ଲକ ଅନ୍ତର୍ଗତ ମଙ୍ଗୁଲି ଗ୍ରାମର ଏକ ତିନିଛକ ରାସ୍ତାରେ ତମ୍ବା ନାଗ, ବ୍ରତ ଆଦି ପାଇ ସ୍ୱର୍ଗତ ନାୟକ ତାଙ୍କ ଘରକୁ ଆଣିଥିଲେ। କ୍ଷେତ୍ରମୋହନ ଓ ତାଙ୍କ ପତ୍ନୀ ଜଞ୍ଜାଳି ଦେବୀ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆସୁଥିବା ବେଳେ ତାଙ୍କ ପୁତ୍ର ସୁରେନ୍ଦ୍ର ଓ ପୁତ୍ରବଧୂ ହରିପ୍ରିୟା ଦୈନନ୍ଦିନ ନୀତିପୂଜା କରୁଥିଲେ। ଘର ପାଖ ଚଉଁରାମୂଳରେ ସ୍ୱତନ୍ତ୍ର ଠାକୁର ଘର ନିର୍ମାଣ ରଲୁଥିବା ବେଳେ ୧୯୭୯ ମସିହା ଅକ୍ଷୟ ତୃତୀୟା ଦିନ ଅନନ୍ତଶଯ୍ୟା ବିଶିଷ୍ଟ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ସ୍ୱପ୍ନାଦେଶ ପାଇ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ତିହିଡ଼ି ଥାନା ଅଧୀନ ପାଳିଆ ନୂଆନନ୍ଦ ସାନ ହାଟୁଆରୀ ଗ୍ରାମର ମୂର୍ତ୍ତିକାରିଗର ବାବାଜୀ ପୁଷ୍ଟିଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ବିଗ୍ରହମାନ ଗଢ଼ିଥିଲେ ବୋଲି କୁହାଯାଏ। ଏହି ପରମ୍ପରାକୁ ପାଥେୟ କରି ପାଳିତ ହେଉଥିବା ଅନନ୍ତ ନାରାୟଣଙ୍କ ପୂଜା ଦିନକୁ ଦିନ ଲୋକପ୍ରିୟତା ଅର୍ଜନ କରୁଛି।

## ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଆଞ୍ଚଳିକ ସୁରକ୍ଷା ମଞ୍ଚର ଆନ୍ଦୋଳନ ଡାକରା

ଗେଙ୍ଗୁଟି, ୪/୯ (ନି.ପ୍ର): ସଦରବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଜୟେଶ୍ୱରପୁର ଗ୍ରାମର ପୂର୍ବପଟ ଜନଜାତି ଉପଜାତିର ଓ ଆର୍ଥିକ ଅନଗ୍ରସର ପଛୁଆ ବର୍ଗଙ୍କ ଦ୍ୱାରା ବ୍ୟବହୃତ ଏକମାତ୍ର ରାସ୍ତା , ମରାମତି ଅଭାବରୁ ଏବେ ମରଣଯନ୍ତା ପାଲଟିଛି । ଏ ବାବଦରେ ବିଭିନ୍ନ ସମୟରେ ଅଭିଯୋଗ ଆସିଥିଲେବି ସ୍ଥାନୀୟ ଲୋକପ୍ରତିନିଧି , କର୍ମଚାରୀଙ୍କ ଅହଯୋଗ , ଅବହେଳିତ ବର୍ଗ ପ୍ରତି ହେୟଜ୍ଞାନ ହେତୁ କୌଣସି ନିର୍ମାଣ କାର୍ଯ୍ୟ ହୋଇ ପାରିନାହିଁ । ବୟବୃଦ୍ଧ, ଶିଶୁ, ଭିନ୍ନକ୍ଷମ ଯାତାୟାତ ଜନିତ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଉକ୍ତ ୍ୱସ୍ତିମାନଙ୍କରେ ଶତାଧିକ ଅ୍ୱହେଳିତ ବର୍ଗର କୃଷକ, ଶ୍ରମିକ, ଦିନମଜୁରିଆ ହୋଇଥିବାରୁ ସେମାନଙ୍କ ଦୁଃଖରେ ସମଦୁଃଖି ହୋଇ ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି କମଳଲୋଚନ ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଓ ମଞ୍ଚର କର୍ମକର୍ତ୍ତା ମାନେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଶ୍ରୀ ରାଉତ ଜଣାଇଛନ୍ତି ଆଗାମୀ ପନ୍ଦର ଦିନ ଭିତରେ ଯଦି ପ୍ରଶାସନ ଅ୍ୱହେଳିତ ବର୍ଗର ରାସ୍ତା ଯାହା ଡାକ୍ତର ପରମାନନ୍ଦ ସେଠୀଙ୍କ ଘରଠାରୁ ଲାଇବ୍ରେରୀ ଖାଲ ପ୍ରଧାନମନ୍ତ୍ରୀ ପକ୍କା ସଡକ ପର୍ଯ୍ୟନ୍ତ ଭାୟା କାଳିକୁମର ଠାକୁରାଣୀ ରାସ୍ତାଟିକୁ ଦୃଢ ପକ୍କାରାସ୍ତାରେ ପରିଣତ ପାଇଁ ଦାବି ରଖିଛନ୍ତି। ଏଥିସହିତ ବର୍ତ୍ତମାନର ଲୋକପ୍ରିୟ ଚର୍ଚ୍ଚିତ ଜିଲ୍ଲାପାଳଙ୍କୁ ଏହି ଅବହେଳିତ ବର୍ଗର ମୌଳିକ ଅଧିକାର ଯେମିତି ହାନି ନହୁଏ ଯତ୍ନବାନ ହେବେ ୍ୱୋଲି ଅନୁରୋଧ କରିଛନ୍ତି । ଗ୍ରାମର ଅନ୍ୟସବୁ ବସ୍ତିରେ ସ୍ଥାୟୀ ପକ୍କା ସଡକ ଓ କିଛି ନିର୍ମାଣ ଧିନ ଥିବାବେଳେ ଏହି ତିନିଟି ବସ୍ତିର ମୁଖ୍ୟ ସଡକୁ ବାଦ ଦେବା ଦୁଃଖର କାରଣ ୍ୱୋଲି ଜଣାଇଛନ୍ତି ।ଏ୍ୱାବଦରେ ପୂର୍ବପରି ଯଦି ସ୍ଥାନୀୟ କର୍ମଚାରୀ ନିର୍ବାଚିତ ଜନପ୍ରତିନିଧି ଅବହେଳା ଅବା ଚଞ୍ଚକତା କରନ୍ତି, ମଞ୍ଚତରଫରୁ ଆନ୍ଦୋଳାତ୍ମକ ପନ୍ଥା ନିଆଯିବ ବୋଲି ଜଣାଇଛନ୍ତି।


## ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର

ଆଦେଶ ସଂଖ୍ୟା ୨୯୬୧ / ତାରିଖ ୩୦.୦୮.୨୦୨୫

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ -୨୦୧୩ର ପଞ୍ଚାୟତ ସମିତି ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟସୂଚୀ

ଏତଦ୍ ଦ୍ୱାରା ବାଲେଶ୍ୱର ଜିଲ୍ଲା ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (୧ ଅକ୍ଟୋବର, ୨୦୨୪ ଠାରୁ ୩୧ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ -୨୦୧୩ (୧ ଏପ୍ରିଲ, ୨୦୨୪ ଠାରୁ ୩୧ ମାର୍ଚ୍ଚ, ୨୦୨୫ ପର୍ଯ୍ୟନ୍ତ) ସାମାଜିକ ସମୀକ୍ଷାର ବ୍ଲକ ସ୍ତରୀୟ ଜନଶୁଣାଣୀ କାର୍ଯ୍ୟକ୍ରମ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ଧାର୍ଯ୍ୟ କରାଯାଇଅଛି । ଏହି ଜଣାଶୁଣାଣୀ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ -୨୦୧୩ର ହିତାଧିକାରୀ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ବାଚିତ ସଦସ୍ୟ/ ସଦସ୍ୟା, ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣୀ କମିଟିର ସଦସ୍ୟ/ସଦସ୍ୟା, ବିଭିନ୍ନ ଗ୍ରାମର ସତର୍କତା ଓ ତଦାରଖ କମିଟିର ସଦସ୍ୟ/ ସଦସ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ ଉପଭୋକ୍ତା ଯୋଜନା ସହ ସମ୍ପୃକ୍ତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ/ ଅଧିକାରିଣୀମାନେ ଉକ୍ତ ସମିତି ସ୍ତରୀୟ ଜଣାଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦାନ କରି ଏହି ଯୋଜନାର କାର୍ଯ୍ୟକାରିତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱତା ସୁନିଶ୍ଚିତ କରିବା ସହିତ ଏହାର ସଫଳ ରୂପାୟନ ନିମନ୍ତେ ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରାଗଲା ।

କାର୍ଯ୍ୟସୂଚୀ

| କ୍ର.ସଂ | ପଞ୍ଚାୟତ ସମିତି | ତାରିଖ | ସମୟ | ଜଣାଶୁଣାଣୀ କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଔପଦା | ୦୯.୦୯.୨୦୨୫ | ପୂର୍ବାହ୍ଣ ୧୧.୦୦ ଘଟିକା | ଉପ ଜିଲ୍ଲାପାଳ, ନୀଳଗିରି |
| ୨ | ସିମୁଳିଆ | ୦୯.୦୯.୨୦୨୫ | ପୂର୍ବାହ୍ଣ ୧୧.୦୦ ଘଟିକା | ଅତିରିକ୍ତ ଉପଜିଲ୍ଲାପାଳ, ବାଲେଶ୍ୱର |
| ୩ | ବାହାନଗା | ୧୦.୦୯.୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱର |
| ୪ | ନୀଳଗିରି | ୧୦ ୦୯ ୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ଉପଜିଲ୍ଲାପାଳ, ନୀଳଗିରି |
| ୫ | ବାଲିଆପାଳ | ୧୧.୦୯.୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ଉପଜିଲ୍ଲାପାଳ, ବାଲେଶ୍ୱର |
| ୬ | ଜଳେଶ୍ୱର | ୧୬,୦୯.୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, ବାଲେଶ୍ୱର |
| ୭ | ରେମୁଣା | ୧୭ ୦୯.୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର |
| ୮ | ସୋର | ୧୮,୦୯.୨୦୨୫ | ପୂର୍ବାହ୍ଣ ୧୯.୦୦ ଘଟିକା | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱର |
| ୯ | ବାଲେଶ୍ୱର | ୧୮,୦୯.୨୦୨୫ | ପୂର୍ବାହ୍ଣ ୧୧.୦୦ ଘଟିକା | ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ବାଲେଶ୍ୱର |
| ୧୦ | ବସ୍ତା | ୨୩,୦୯.୨୦୨୫ | ପୂର୍ବାହ୍ଣ ୧୧.୦୦ ଘଟିକା | ଉପ ଜିଲ୍ଲାପାଳ, ବାଲେଶ୍ୱର |
| ୧୧ | ଖଇରା | ୨୪.୦୯.୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର |
| ୧୨ | ଭୋଗରାଇ | ୨୫,୦୯.୨୦୨୫ | ପୂର୍ବାହ୍ଣ ୧୦.୦୦ ଘଟିକା | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, ବାଲେଶ୍ୱର |

OIPR: 19229/11/0004/2526

ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପ୍ରଶାସନ),
ଜିଲ୍ଲା ପରିଷଦ, ବାଲେଶ୍ୱର


## କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଘ ସାଧାରଣ ସଭା ବୈଠକ

କେନ୍ଦୁଝର, ୪/୯ (ନି.ପ୍ର): କେନ୍ଦୁଝର ସଦର ଅନ୍ତର୍ଗତ ପିଏମ୍ ଶ୍ରୀ ଡି.ଏନ୍. ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଘର ସାଧାରଣ ସଭା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ପ୍ରାଥମିକ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ର ଉପ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ, ଶିକ୍ଷୟିତ୍ରୀ,ସ୍କାଉଟ ମାଷ୍ଟରସ୍, ଗାଇଡ କ୍ୟାପଟେନ ଓ ଜୁନିଅର ରେଡ଼କ୍ରସ ପରାମର୍ଶଦାତାଙ୍କୁ ସମ୍ବୋଧିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ଡି.ଏନ୍. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି,ସୁଶୀଳ କୁମାର ନାୟକ,ସନ୍ତୋଷିନୀ ସେଠୀ, ପରମେଶ୍ୱର ସାମଲ,ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

## ସମାଜସେବୀ ରାମଚନ୍ଦ୍ର ଜେନା ସମ୍ବର୍ଦ୍ଧିତ



ବାସୁଦେବପୁର, ୪/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ଗ୍ରାମ ପଞ୍ଚାୟତର ରାଇପୁର କୋଡ ବାଟିଆ ଗ୍ରାମର ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ଜେନା ଓରଫ୍ ଟୀକା ଭାଇ ନିକଟରେ ସମ୍ବର୍ଦ୍ଧିତ ହୋଇଛନ୍ତି। ବାସୁଦେବପୁର ବ୍ଲକ ନରସିଂହପୁର ପଞ୍ଚାୟତର ମଖଲପୁର ଗ୍ରାମରେ ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ସ୍ୱର୍ଗତ ମାୟାଧର ପାଢୀଙ୍କ ଦଶମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ବିଶିଷ୍ଟ ସମାଜ ସେବୀ ରାମଚନ୍ଦ୍ର ଜେନା ଓରଫ୍ ଟୀକା ଭାଇଙ୍କୁ ବିଶିଷ୍ଟ ବ୍ୟକ୍ତି ମାନେ ଅତିଥି ଭାବେ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ କବି ମାନସ ରଞ୍ଜନ ମହାପାତ୍ର, କବି ଶୈଳବାଳା ମହାପାତ୍ର, ଶିକ୍ଷାବିତ୍ ଗୟାଧର ମହାପାତ୍ର,ପୂର୍ଣ୍ଣଚନ୍ଦ୍ର ପରିଡ଼ା, ରୋଟାରିଆନ ଅଭିଜିତ ନାୟକ, ଶିଶୁ ସାହିତ୍ୟିକ ହର ମୋହନ କୁଅଁର। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଓ ଓଡ଼ିଶାର ବିଭିନ୍ନ ବ୍ଲକ୍ ତଥା ବିଭିନ୍ନ ଗ୍ରାମାଞ୍ଚଳରେ ରାମଚନ୍ଦ୍ର ଜେନା ଓରଫ୍ ଟୀକା ଭାଇ ଅନେକ ଦୁଃଖୀ ଗରିବ ଲୋକଙ୍କୁ ଓ ରୋଗୀ ମାନଙ୍କୁ ଫଳ ବଣ୍ଟନ କରି ଥାଆନ୍ତି ଓ ଅସହାୟ ଲୋକଙ୍କୁ ଆର୍ଥିକ ସାହାଯ୍ୟ ସହଯୋଗ କରିଥାନ୍ତି। ମାୟାଧର ପାଢୀ ସ୍ମୃତି ସଂସଦ ପକ୍ଷରୁ ଏହି ସମ୍ବର୍ଦ୍ଧନା ଓ ପୁରସ୍କାର ଲାଭ ପରେ ସମାଜସେବୀ ଟୀକା ଭାଇଙ୍କୁ ଶିକ୍ଷାବିତ୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ, କବି ସୁଧାଂଶୁ ଶେଖର ମିଶ୍ର, କବି ଅଭିମନ୍ୟୁ ବେହେରା,ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, କବି ଭାଗିରଥୀ ମହନି, କବି ରତ୍ନାକର ପଣ୍ଡା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ କର୍ମଯୋଗୀ କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର, ୪/୯ (ନି.ପ୍ର): ଜନଜାତି ମନ୍ତ୍ରଣାଳୟ ତରଫରୁ ଜିଲ୍ଲା ସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା ଜିଲ୍ଲାପାଳଙ୍କ ଅଡିଟୋରିମରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ,ପି ଏ ,ଆଇ ଟି ଡି ଏ ଶ୍ରୀ କାରୁ ସୋରେନ, ଉପ ଜିଲ୍ଲାପାଳ ସଦର ଶ୍ରୀ ଶିବ ମାଲବ୍ୟ ,ଉପ ଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ମଧୁସ୍ମିତା ସାମନ୍ତରାୟ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ କୁ ସଶକ୍ତ କରିବା ଏହାର ମୋଟୋ। ଆଦିବାସୀ ଏବଂ ପି ଭି ଟି ଜି ଗ୍ରୁପ ଙ୍କର୍ ଗ୍ରାମାଞ୍ଚଳରେ ୨୦ ଜଣିଆ ସଦସ୍ୟ ବିଶିଷ୍ଟ କ୍ୟାଡ଼ର ପ୍ରସ୍ତୁତ କରିବା ସହ ସେବା ସମର୍ପଣ ଓ ସଂକଳ୍ପ ର ଆଶା ରଖି ଏହି ଅଭିଯାନ ଆରମ୍ଭ ହୋଇଛି। ଏହାର ତିନୋଟି ସ୍ତର ରେ କାର୍ଯ୍ୟକର୍ତ୍ତା ରହିବେ ଯଥା ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ କର୍ମଚାରୀ ଆଦି , ଆଦି ସହଯୋଗୀ ଯେଉଁଥିରେ ପଞ୍ଚାୟତ ସଭ୍ୟ ଆଦି , ଅବସରପ୍ରାପ୍ତ କର୍ମଚାରୀ ଶିକ୍ଷକ ଡାକ୍ତର ଆଦି ଏବଂ ଆଦି ସାଥୀ ଗ୍ରୁପ ରେ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା,ଗାଁ ମୁଖିଆ ଶ୍ରେଣୀର ବ୍ୟକ୍ତି ,ଯୁବ ସ୍ୱେଚ୍ଛାସେବୀ ଆଦି ଅର୍ନ୍ତଭୁକ୍ତ ହେବେ। ବାଲେଶ୍ୱର ଜିଲ୍ଲା ରେ ମୋଟ ୮୦ ଟି ଗ୍ରାମକୁ ୨୦୩୦ ଆକ୍ସନ ପ୍ଲାନ୍ ରେ ଅନ୍ତର୍ଭୁକ୍ତ କରାଯାଇଛି ଯହିଁରେ ସର୍ବାଧିକ ୪୨ଟି ନୀଳଗିରିର ।ଜିଲ୍ଲାପାଳ କାର୍ଯ୍ୟାଳୟ ଓଡ଼ିଟରିଓମ ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଆରମ୍ଭ ହେଇଥିବା ଏହି ଅଭିଯାନ ଯାହା ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ପ୍ରୟାସ ସବ୍ କା ବିଶ୍ୱାସ ର ମାର୍ଗ ଦର୍ଶକ ନୀତିକୁ ପ୍ରତିଫଳୀତ କରିବା ସହ ଜନଜାତି ସମ୍ପ୍ରଦାୟକୁ ସଶକ୍ତ କରିବା, ଉତ୍ତରଦାୟୀ ଶାସନକୁ ସୃଦୃଢ଼ କରିବା ଏବଂ ସାରା ଦେଶରେ ସ୍ଥାନୀୟ ନେତୃତ୍ୱ ସୁଯୋଗ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା ଏହି ଅଭିଯାନ ମାଧ୍ୟମରେ ଦେଶବ୍ୟାପି ୨୦ ଲକ୍ଷ୍ୟ ପ୍ରଶିକ୍ଷିତ ଓ ସମର୍ପିତ କର୍ମୀଙ୍କୁ ନେଇ ଏକ କ୍ୟାଡ଼ର ସୃଷ୍ଟି କରାଯିବ।

# ସରିଲା ବାହାବଳପୁରରେ 'ସାଗର କବଚ'



ବସ୍ତା,୪।୯(ନିପ୍ର):ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ଥାନା ପକ୍ଷରୁ ଦୁଇ ଦିନିଆ 'ସାଗର କବଚ'କାର୍ଯ୍ୟକ୍ରମ ଆଜି ସନ୍ଧ୍ୟା ୬ରେ ସମାପ୍ତ ହୋଇଛି।ଏଥିରେ ଏସପି ପ୍ରତ୍ୟୁଷ ଦିବାକର,ବସ୍ତା ଏସ ଡିପିଓ ମାନସ ଦେଓ, ସ୍ଥାନୀୟ ଥାନା ଆଇଆଇସି ରଶ୍ମି ରେଖା ମଲ୍ଲିକ, ଏସ ଆଇ ପ୍ରଶାନ୍ତ କୁମାର ପାଣି, ସମସ୍ତ ଷ୍ଟାଫ, ସାଗର ମିତ୍ର ଦଳ, ବନ ବିଭାଗ, ଜିଲା ପୁଲିସ ବାହିନୀ ସମେତ ବିଭିନ୍ନ ଦଳ ସାମିଲ ହୋଇଥିଲେ। ଏଣ୍ଟ୍ରି ପଏଣ୍ଟ ହନୁମାନ ଛକ,ଏଣ୍ଡ୍ରାଇ ଛକ, ବଗଦା, ଦୁବୁଲା ଗଡି, ବାହାବଳପୁର ନଦୀ ମୁହାଣ ପ୍ରଭୃତି ସ୍ଥାନରେ ପୁଲିସ ବାହିନୀ ଓ ଅନ୍ୟାନ୍ୟ ଦଳ ଜଗି ରହିଥିଲେ। ଜଳ ଦସ୍ୟୁ, ବିଦେଶୀ ଅନୁପ୍ରବେଶ କାରୀଙ୍କୁ ତୀକ୍ଷ୍ଣ ନଜର ରଖାଯାଇଥିଲା।ମାତ୍ର କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିଲା।ବର୍ଷରେ ଏହିପରି ଦୁଇଥର ଅଭ୍ୟାସ କରାଯାଇଥାଏ।

# ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ବିଶାଳ ରକ୍ତଦାନ ଶିବିର





ବାଲେଶ୍ୱର, ୪/୯ (ନି.ପ୍ର): ଆଜି ଭାରତୀୟ ଜୀବନ ବୀମା ନିଗମ ର ୬୯ ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହାର ବାଲେଶ୍ୱର ଶାଖା ପରିସରରେ ଏକ ବିରାଟ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବାଲେଶ୍ୱର ଶାଖା ର ମୁଖ୍ୟ ପ୍ରବନ୍ଧକ ଶ୍ରୀଯୁକ୍ତ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ଙ୍କ ପୌରହିତ୍ୟ ଓ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ୪୦ ୟୁନିଟ ରୁ ଉର୍ଦ୍ଧ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ବାଲେଶ୍ୱର ଶାଖା ର ଅଭିକର୍ତା , ବିମାଧାରକ ଓ କର୍ମଚାରୀ ସମସ୍ତେ ରକ୍ତ ଦାନ କରିଥିଲେ। ଏହି କାର୍ଯ୍ୟରେ କଟକ ମଣ୍ଡଳ ମୁଖ୍ୟ ଉପଦେଷ୍ଟା ସଂଘ ର ସଭାପତି ଶ୍ରୀଯୁକ୍ତ ମନୋଜ କୁମାର ମହାପାତ୍ର , ବାଲେଶ୍ୱର ଶାଖା ଖଓଇଉଓ ର ସମ୍ପାଦକ ଶ୍ରୀଯୁକ୍ତ ଅଞ୍ଜନ କୁମାର ସାହୁ ବାଲେଶ୍ୱର ଶାଖା ଉଡଇ ସଭାପତି ଶ୍ରୀଯୁକ୍ତ ଜୟନିଧି ଜେନା , ଶ୍ରୀଯୁକ୍ତ ବସନ୍ତ କୁମାର ହୋତା , ଶ୍ରୀଯୁକ୍ତ ଅନିଲ କୁମାର ସାହୁ ,ଅପୂର୍ବ ରଞ୍ଜନ ଦେ,କରୁଣାକର ରାଉତ ,କରୁଣାକର ଦାସ,ରଜତ କୁମାର ପରିଡ଼ା ,ଶ୍ରୀଯୁକ୍ତ ମହେଶ୍ୱର ଦାସ ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଶିକ୍ଷକ ମନୋନୀତ



ବାଲିଆପାଳ, ୪/୯ (ନି.ପ୍ର): ବାଲିଆପାଳ ବ୍ଲକ୍ ର ଏକମାତ୍ର ଏଲିମେଣ୍ଟରୀ ଶିକ୍ଷକ ଭାବେ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆ ର ସହକାରୀ ଶିକ୍ଷକ ଶ୍ରୀ ନିତାଇ ଚରଣ ରାଉଳ ମନୋନୀତ ହୋଇଛନ୍ତି । ଆସନ୍ତା କାଲି ପବିତ୍ର ଗୁରୁ ଦିବସରେ ତାଙ୍କୁ ଏହି ପୁରସ୍କାର ମିଳିବ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି । ଶ୍ରୀ ରାଉଳ ଦୀର୍ଘ ପଚିଶି ବର୍ଷ ବାଲିଆପାଳ ବ୍ଲକ୍ ରେ ଶିକ୍ଷକତା କରି ଆସୁଛନ୍ତି । ଏହି ସଫଳତା ପାଇଁ ବାଲିଆପାଳର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ , ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ସମେତ ସମସ୍ତ ଶିକ୍ଷକ ସଂଘ , ବାଲିଆପାଳ ମିଡ଼ିଆ ଫୋରମ୍, ବିଦ୍ୟାଳୟ ପରିଚାଳନା କମିଟି, ସହକର୍ମୀ ଶିକ୍ଷକ ଶିକ୍ଷୟତ୍ରୀ ତଥା ସିଆରସିସି ଯଶୋବନ୍ତ ଜେନା ଶୁଭେଚ୍ଛା ଜଣାଇଛନ୍ତି ।

# ଇଫକୋର ଅନସାଇଟ୍ ଆପାତକାଳୀନ ମକ୍‌ଡ୍ରିଲ ଆୟୋଜିତ



ପାରାଦୀପ, ୪/୯ (ନି.ପ୍ର): ବିଶ୍ୱର ସର୍ବ ବୃହତ୍ତମ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ସବୁବେଳେ ପରିବେଶ ସୁରକ୍ଷା, ସାଧାରଣ ଲୋକଙ୍କୁ ଆପାଦକାଳୀନ ସହାୟତା ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଆସିଛି। ବିଭିନ୍ନ ସମୟରେ ଇଫକୋ ତାର କାରଖାନାର ସଠିକ୍ ମରାମତି କାର୍ଯ୍ୟ କରିବା ସହ ତାହାର ସଠିକ୍ ପରୀକ୍ଷା ନିରୀକ୍ଷା ମଧ କରିଥାଏ । କାରଖାନାରେ ରାସାୟନିକ ପଦାର୍ଥ ସାର ଉତ୍ପାଦନରେ ବ୍ୟବହୃତ ହୋଇଥାଏ, ବ୍ୟବହାର ସମୟରେ ଏହା ଲିକ୍ ହେବାର ବହୁ ସମ୍ଭାବନା ମଧ ରହିଥାଏ।ଏହି ସମ୍ଭାବନରୁ ଆଖି ଆଗରେ ରଖି ଆଜି ପାରାଦୀପ ଇଫକୋ ୟୁନିଟ୍ ପକ୍ଷରୁ ଆପାତକାଳୀନ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା । କାରାଖାନାରୁ ଯଦି କେତେବେଳେ ଆମୋନିଆ ଗ୍ୟାସ ଲିକ୍ ହୁଏ ଏହାକୁ କିପରି ତୁରନ୍ତ ପ୍ରତିରୋଧ କରାଯାଇ ପାରିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍‌ରେ ପ୍ରଦର୍ଶିତ ହୋଇଥିଲା । ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଇଫକୋ ଦ୍ୱାରା ଅନୁଷ୍ଠିତ ମକ୍‌ଡ୍ରିଲକୁ ଉଚ୍ଚପ୍ରଶଂସା କରିଥିଲେ । ବାତ୍ୟା ହେଉ କିମ୍ବା ସୁନାମି ଏହା ଦାଉରୁ କିପରି ଜନସାଧାରଣଙ୍କୁ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଡାଇରେକ୍ଟର (ଏଫଆଣ୍ଡବି) ସି.ଏସ.ବେହେରା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପି.ସି.ବେହେରା ଯୋଗ ଦେଇଥିଲେ । ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଆପାତ୍କାଳୀନ ବିପର୍ଯ୍ୟୟ ସମୟରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଯେହେତୁ ପାରାଦୀପ ଏକ ଶିଳ୍ପସହର ଏହାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ସମୟରେ ସମସ୍ତେ ଏକ ହେଲେ ଜନଜୀବନର ସୁରକ୍ଷା ହୋଇ ପରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ଏଏସପି, ଏନଡିଆରଏଫ, ସିଆଇଏସଏଫ, ତଟରକ୍ଷୀ ବାହିନୀ, ଓଡିଶା ଅଗ୍ନିଶମ ବାହିନୀ ସମେତ ବହୁ ସରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଜନ୍ମ ଦିନରେ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଲେ ଅଷ୍ଟମ ଶ୍ରେଣୀର ଛାତ୍ର



ବସ୍ତା , ୪/୯ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ସ୍ଥିତ ଥେଙ୍ଗଡିହା ଗ୍ରାମର ସୁକୁମାର କରଣ ଓ ସୁଭଦ୍ରା କରଣଙ୍କ ପୁତ୍ର ତଥା ଥେଙ୍ଗଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଦୀପକ କରଣ ନିଜର ୧୪ ତମ ଜନ୍ମ ଦିନ ପାଳନ ଅବସରରେ ଚାରା ରୋପଣ କରି ସମାଜକୁ ପରିବେଶ ସଚେତନତାର ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି ,ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରାମଶ୍ୱେର ମାଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ପରିବେଶ ବିତ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ଯୋଗଦେଇ କହିଲେ ଯେ ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରଦୂଷଣ ଏହାର ମୁଖ୍ୟ କାରଣ। ଏହା ମାନବ ସମାଜ ଓ ସମ୍ପୂର୍ଣ୍ଣ ଜୀବଜଗତ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଛି। ଆମର ଅଦୂରଦର୍ଶିତା କାର୍ଯ୍ୟଧାରା ପୃଥିବୀର ବାୟୁମଣ୍ଡଳ ପ୍ରଦୂଷଣ କରିବା ସହ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ଘଟାଉଛି ଯାହା ଫଳରେ ପରିବେଶ ଆଜି ପ୍ରଦୂଷିତ । ତେଣୁ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ବୃକ୍ଷ ରୋପଣ ଦିଗରେ ଆଗେଇ ଆସିବା ସହିତ ବିଭିନ୍ନ ସଚେତ ନତା କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ସମସ୍ତେ ନିଜ ଜନ୍ମ ଦିନରେ ଗୋଟିଏ ଗଛ ଲଗା ଇବା ସହିତ ଗଛଟିର ଯତ୍ନ ନେବା ପାଇଁ ଆଗେଇ ଆସିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଭେଲୋରା ସି. ଆର. ସି. ସି. ତଥା ବୃକ୍ଷ ପ୍ରେମୀ ଗଣେଶ ଚନ୍ଦ୍ର ଜେନା, ଆଦର୍ଶ ଶିକ୍ଷକ ଭାଗୀରଥ ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷୟତ୍ରୀ ସରୋଜିନୀ ଦାସ, ମଲିମଣି ପାତ୍ର, ମଧୁସ୍ମିତା ଗିରି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପଦ୍ମଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଗାଣ ବର୍ଷାରେ ଘର ଭାଙ୍ଗିଲା

ବେତନଟୀ ୪/୯ (ନି.ପ୍ର) : ଲଘୁଚାପ ଜନିତ ବର୍ଷା ଫଳରେ ଗତକାଲି ରାତି ରେ ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମ ୬ ନମ୍ବର ୱାର୍ଡ ର ରଞ୍ଜନ ସିଂ ଙ୍କ ଘରଟି ଭୁଶୁଡ଼ି ପଡ଼ିଛି। ସେହି ସମୟରେ ଘର ଭିତରେ ରଞ୍ଜନ ଙ୍କ ସହ ତାଙ୍କ ମା, ପତ୍ନୀ ପୁଅ ଓ ଝିଅ ଥିଲେ। ତେବେ ସମସ୍ତେ ସୌଭାଗ୍ୟବଶତଃ ବର୍ତ୍ତି ଯାଇଛନ୍ତି। ଏହି ଖବର ଶୁଣି ବେତନଟୀ ଭା.ଜ.ପା ଯୁବ ମୋର୍ଚ୍ଚା ସଭାପତି ରାକେଶ ମହାନ୍ତ , ବେତନଟୀ ବ୍ଲକ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ସଦସ୍ୟ କେଶ୍ୱ ନାଥ, ସମାଜସେବୀ ସୁଧାକର ପଣ୍ଡା ପ୍ରମୁଖ ପହଞ୍ଚି ତାଙ୍କ ପରିବାର ସହ କଥା ହୋଇ ତାଙ୍କ ପରିବାର ଙ୍କୁ ସରକାରଙ୍କ ତରଫରୁ ପଲିଥିନ ଯୋଗାଇ ଦେଇଥିଲେ ଓ ସେ କେମିତି ଅତିଶିଘ୍ର ଘର ପାଇ ପାରିବେ ସେନେଇ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ।

# ସମୃଦ୍ଧ ପଞ୍ଚାୟତ ଗଠନ ସମ୍ପର୍କୀତ କର୍ମଶାଳା ଆୟୋଜିତ

ବେତନଟୀ, ୪/୯ (ନି.ପ୍ର): ସମୃଦ୍ଧ ପଞ୍ଚାୟତ ଗଠନରେ ଆଜିର ଶିଶୁ ମାନଙ୍କର ଆବଶ୍ୟକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କୀତ ଏକ ପ୍ରଶିକ୍ଷଣ କର୍ମଶାଳା ଗୁରୁବାର ବେତନଟୀ ବ୍ଲକ ସଭାଗୃହରେ ଆୟୋଜିତ ହୋଇଯାଇଛି। ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ପ୍ରଶିକ୍ଷଣ କର୍ମଶାଳାକୁ ବିଡିଓ ସୁଶାନ୍ତ କୁମାର ସୂତାର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚିତ ସମ୍ବଳ ଅଧିକାରୀ ଭାବେ ମନୋଜ କୁମାର ମହାନ୍ତ, ଆସିଡିଏସ ସୁପରଭାଇଜର କବିତା ପଟ୍ଟନାୟକ ପ୍ରମୁଖ ଅଧିକାରୀଗଣ ମଞ୍ଚାସୀନ ଥିଲେ । ସମୃଦ୍ଧ ପଞ୍ଚାୟତ ଗଠନରେ ଆଜିର ଶିଶୁ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂଡ଼ିକା ଏବଂ ସେମାନଙ୍କର ମାନସିକ, ଶାରୀରିକ ତଥା ବୌଦ୍ଧିକ ବିକାଶ ଦ୍ୱାରା କିଭଳି ଏହା ସମାଜ ପାଇଁ ହିତକର ହୋଇପାରିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପୁଅ-ଝିଅ ମଧ୍ୟରେ ଲିଙ୍ଗଗତ ବୈଶମ୍ୟତା ଦୂର କରିବା, ଉଭୟଙ୍କୁ ସମାନ ଶିକ୍ଷାପ୍ରଦାନ କରିବା, ମୋବାଇଲରେ ଦୁରୁପଯୋଗରୁ ଦୂରେଇ ରଖିବା, ବାଲ୍ୟବିବାହ ଭଳି କୁପ୍ରଥାକୁ ସମାଜରୁ ମୂଳୋତ୍ପାଟନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ପ୍ରସିକ୍ଷଣ ପ୍ରଦାନ କରାଯାଇଥିଲା । ଏନେଇ ବ୍ୟାପକ ଜନମତ ସୃଷ୍ଟି କରିବାକୁ ପ୍ରୟାସ କରାଯାଇଥିବା ବେଳେ ଏହି ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ/ସମିତିସଭ୍ୟା, ଆଶାକର୍ମୀ, ମିଶନଶକ୍ତି ପକ୍ଷରୁ ସିଆରପି, ଏମବିକେ, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପୁରୁଷ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୁଖଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

# ଡାହିବାଡି ହାଟରେ ବିଜୁଳି ଦେଇଥିବା ବିଜୁଳି ଖୁଣ୍ଟି ଗଡ଼ି ପଡ଼ିଲା: ଅଳ୍ପକେ ରକ୍ଷା ପାଇଗଲେ ଗ୍ରାହକ ଓ ବ୍ୟବସାୟୀ

ବୈଶିଙ୍ଗା , ୪/୯ (ନି.ପ୍ର): ବୈଶିଙ୍ଗା ସ୍ଥିତ ଡ଼ାହିବାଡି ସାପ୍ତାହିକ ହାଟରେ ସନ୍ଧ୍ୟାପରେ ଆଲୋକିକରଣ ପାଇଁ ବିଧାୟକ ଶ୍ରୀ ବିଜୁଳି ଙ୍କ ହାତ ପାଣ୍ଠି ଅନୁଦାନ ରୁ ଲଗା ଯାଇଥିବା ହାଇମାକ୍ସ ବିଜୁଳିଖୁଣ୍ଟି ବୁଧବାର ଅପରାହ୍ଣରେ ମୂଳରୁ ଗଡି ପଡିଥିଲା । ବୁଧବାର ହାଟରେ କାରବାର ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା । ଦେଖଣାହାରୀ ଙ୍କ ମତରେ ବିଜୁଳି ଖୁଣ୍ଟି ନିର୍ମାଣ ସମୟରେ ଏହା ମୂଳ ଟି ଠିକ୍ ଭାବରେ କଙ୍କ୍ରୀଟ ହୋଇ ନ ଥିବାରୁ ତାହା ଭାଙ୍ଗି ଯାଇଥିବାର ପ୍ରକାଶ କରିଥିଲେ । ବିଜୁଳି ଖୁଣ୍ଟି ଲାଗିବା ଦିନ ଠାରୁ ଲୋକ ଙ୍କ ଅଭିଯୋଗ ଥିଲା କି ଗୋଟିଏ ଖୁଣ୍ଟି ପାଇଁ ନିର୍ମାଣ ଖର୍ଚ୍ଚ ଦେଢ଼ ଲକ୍ଷ ରୁ ଦୁଇ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁରୀ ପାଇଥିଲା । ମାତ୍ର ଠିକାଦାର ଏଥିପାଇଁ ସର୍ବ ମୋଟ ପଚାଶ ହଜାର ଟଙ୍କା ଖର୍ଚ୍ଚ କରିଥିବା ଠିକାଦାରଙ୍କ ଠାରୁ ପ୍ରକାଶ ପାଇଥିଲା। ତେବେ ବାକି ଟଙ୍କା ଗୁ ବିଧାୟକ ଙ୍କ କେତେ ଭାଗ ଅଛି ବୋଲି ଚର୍ଚ୍ଚା ଚାଲିଥିଲା । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ ଦେଢ ବର୍ଷ ପୂର୍ବରୁ ଏହି ବିଜୁଳିଖୁଣ୍ଟି ଲଗା ଯାଇଥିଲା । ଛଅ ମାସ ପରେ ହାଟରେ ଲାଗିଥିବା ଚାରିଟି ବିଜୁଳିଖୁଣ୍ଟି ମଧ୍ୟରୁ ଦୁଇଟି ଜଳୁ ନ ଥିଲା। ଏବେ ଅନ୍ୟ ଦୁଇଟିରୁ ଗୋଟିଏ ଭାଙ୍ଗିଯିବାରୁ ସନ୍ଧ୍ୟା ପରେ ହାଟରେ ବ୍ୟବସାୟ କରିବା କଷ୍ଟକର ହୋଇପଡିଛି । ଆଗକୁ ଆଉ ଏହି ହାଇମାକ୍ସ ନୂତନ ବିଜୁଳି ଖୁଣ୍ଟି ଲାଗିବ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସର୍ବଦଳୀୟ ବୈଠକର ନିଷ୍ପତ୍ତି : ଉଦଳା ହେବ ମ୍ୟୁନସିପାଲଟି

ଉଦଳା , ୪/୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦକୁ ମ୍ୟୁନସିପାଲଟି ଘୋଷଣା କରିବା ପାଇଁ ବହୁଦିନ ତଳୁ ଦାବି ହେଉଥିଲା । ଏପରିକି ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ମଂଚରେ ଏବାବଦରେ ବହୁଳ ଭାବରେ ଚର୍ଚ୍ଚା ହେବା ସହିତ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା । କିନ୍ତୁ ରାଜ୍ୟ ସରକାର ନିକଟରେ ଅନେକ ଗୁଡ଼ିଏ ପଂଚାୟତକୁ ବିଜ୍ଞାପିତ ଅଂଚଳ ଏବଂ କେତେଗୁଡ଼ିଏ ବିଜ୍ଞାପିତ ଅଂଚଳକୁ ମ୍ୟୁନସିପାଲଟି ଘୋଷଣା କଲେ । ଅଥଚ ଉଦଳାକୁ ଏଥିରୁ ବାଦ ଦେଲେ । ଫଳରେ ଆଜି ସେପଟ୍ଟେମ୍ବର ୪ ତାରିଖ ଗୁରୁବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏକ ସର୍ବଦଳିୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ମ୍ୟୁନସିପାଲଟି ହେଲେ କିପ୍ରକାର ସୁବିଧା ସୁଯୋଗ ମିଳିବ ସେ ବିଷୟରେ ଅବଗତ କରାଇବା ସହ ଏଥିରେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ ଜଣାଇଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ପଂଚାୟତ ସମିତିର ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା, ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ନାରାୟଣ ପଟ୍ଟନାୟକ, ଯଜ୍ଞନାରାୟଣ ମହାନ୍ତି, ରବିନ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଉଦଳାକୁ ମ୍ୟୁନସିପାଲଟିରେ ପରିଣତ କରିବା କ୍ଷେତ୍ରରେ ସମ୍ମତି ଜଣାଇବା ସହ ଏହାକୁ ସ୍ୱାଗତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ଉପନଗରପାଳ ପ୍ରଭାତ କୁମାର ପରିଡ଼ା, ଏହା ବହୁଦିନ ତଳର ସ୍ୱପ୍ନ ଥିଲା , ଯେଉଁ ସମୟରେ ଲକ୍ଷ୍ମୀକାନ୍ତ ବାରିକ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ଥିଲେ , ସେ ସମୟରେ ମଧ ଏ ବାବଦରେ ଦାବି ହେବା ସହିତ ରାଜ୍ୟସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏପରିକି ସେ ସମୟରେ ପୂର୍ବତନ ବିଧାୟକ ରୋହିଦାସ ସୋରେନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଜଣେ କାଉନସିଲର ଥିଲେ , ପରେ ସେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ତେବେ ଲକ୍ଷ୍ମୀକାନ୍ତ ବାରିକ ଓ ରୋହିଦାସ ସୋରେନ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଗଲେଣି ସତ କିନ୍ତୁ ତାଙ୍କର ସ୍ୱପ୍ନ ଆଜି ସାକାର ରୂପ ନେବାକୁ ଯାଉଛି ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦକୁ ଲାଗିକରିଥିବା ପଂଚାୟତ ଗୁଡ଼ିକର ସରପଂଚ ଓ ସମିତି ସଭ୍ୟ ମାନେ ମଧ ଉକ୍ତ ବୈଠକରେ ଉପସ୍ଥିତ ଥିଲେ । ବିଧାୟକ ଭାସ୍କର ମଢ଼େଇ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଆଜିର ବୈଠକର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଶେଷର ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ବୈଠକକୁ ସଫଳ କରିବାରେ କମଳ ଧଳ, ବିଭୁତି ମହାନ୍ତ, ନିହାର ରଂଜନ ମୋଦି, ଡ଼ା. ଖଗେଶ୍ୱର ସିଂହ, ସଂଜୟ କୁମାର ପାଢ଼ି, ଶରତ ଚନ୍ଦ୍ର ଦାସ, ବନମାଳି ବେହେରା, ଲକ୍ଷ୍ମଣ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ସୁରେଇଡିହିରେ ରାଜ୍ୟସ୍ତରୀୟ କୁଡୁମାଲୀ ଦେଶ କରମ ପରବ ଉଦ୍‌ଯାପିତ



ବେତନଟୀ ୪/୯ (ନି.ପ୍ର) : ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ ପାଞ୍ଚ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ କୁଡୁମାଲୀ ଦେଶ କରମ ପରବ-୨୦୨୫ ଗୁରୁବାର ଦିନ ଉଦଯାପିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଚାକୁଣ୍ଡାପଦା ଶିବ ମନ୍ଦିର ନିକଟରେ ଥିବା କରମ ଗଛକୁ ପୂଜାର୍ଚ୍ଚନା କରିବା ସହିତ କରମ ଡାଳ ନେଇ ଏକ ବିରାଟ ଶୋଭାଯାତ୍ରାରେ କରମ ପଡିଆକୁ ଆସି ସେଠାରେ କରମ ଡାଳ ସ୍ଥାପନ କରାଯାଇ କରମ ଠାକୁରକୁ ପୂଜାର୍ଚ୍ଚନା କରାଯାଇଥିଲା । ଗୋସେଇଁ ଠାକୁର ଜେଠମଲ ମହାନ୍ତ କର୍ମୁ,ଧର୍ମୁ ଓ କରମ ଠାକୁରଙ୍କ କାହାଣୀ ସମସ୍ତଙ୍କୁ ଶୁଣାଇଥିଲେ । ଏହା ପରେ ସୁରେଇଡିହି ଦେଶ କରମ ପରବ ସୁରେଇଡିହିର ଉପଦେଷ୍ଟା ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଉପଦେଷ୍ଟା ଛୋଟେଲାଲ ମହାନ୍ତ, ସଭାପତି ସୁକାନ୍ତ କୁମାର ମହାନ୍ତ, ସମ୍ପାଦକ ରବୀନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ କୁଡୁମୀ ଜାତିର ଏକତା ପାଇଁ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଢୁବଢୁବି ବାଦକ ଶତୃଘ୍ନ ମହାନ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ ରାତିସାରା ସାଂସ୍କୃତିକ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଲୋକଙ୍କର ଏକୀକୃତ ମନୋଭାବ ସମସ୍ତଙ୍କୁ ବିସ୍ମିତ କରିଥିଲା । ଗୁରୁବାର ସକାଳେ କରମ ଠାକୁରଙ୍କୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା । ଦେଶ କରମ ପରବ ପାଳନ କମିଟିର କୋଷାଧକ୍ଷ ଅଧ୍ୟାପକ ଶତୃଘ୍ନ ମହାନ୍ତ, ଜାଓ୍ୱା କମିଟିର ସଭାନେତ୍ରୀ କ୍ଷଣପ୍ରଭା ମହାନ୍ତ, ସମ୍ପାଦିକା ସୁଲୋଚନା ମହାନ୍ତ, ସଦସ୍ୟ ରଞ୍ଜନ ମହାନ୍ତ, ବୁଲୁ ମହାନ୍ତ, ଡମ୍ବରୁଧର ମହାନ୍ତ, ଅପୁ ମହାନ୍ତ ଓ ଅନ୍ୟାନ୍ୟ ସମସ୍ତ ସଦସ୍ୟ ସଦସ୍ୟା ମାନେ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida